## ସଂକ୍ଷେପରେ

### ‘ସାହିତ୍ୟ ଅଭିବୃଦ୍ଧିରେ ଗ୍ରାମାଞ୍ଚଳ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ’

ହାଟଡ଼ିହୀ,୧୭।୩(ପାର୍ଥ ସୌରଭ ସା): ସାହିତ୍ୟର ଅଭିବୃଦ୍ଧିରେ ଗ୍ରାମାଞ୍ଚଳର ସାହିତ୍ୟ ଅନୁଷ୍ଠାନ ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଇ ଚେତନା ସାହିତ୍ୟ ସଂସଦର ୧୧ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଢ଼ା ଗ୍ରାମର ନାଗାଡୋଟା ଆମ୍ରକୁଞ୍ଜରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ଉତ୍ସବରେ ସଂସଦର ସଭାପତି କୀର୍ତ୍ତନ ବିହାରୀ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଇଂ. ଅଭୟ ସୁତାର, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ସ୍ୱାଇଁ, ସ୍ୱତନ୍ତ୍ର ବକ୍ତାଭାବେ ଯୁବ କବି ଡ. ଅଶୋକ ପୁହାଣ ଓ ସମ୍ମାନିତ ଅତିଥିଭାବେ ସାହିତ୍ୟିକ ରତ୍ନାକର ଦାସ ଯୋଗଦେଇଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ‘ସମ୍ଭାବନା’ ଓ ଜଗନ୍ନାଥ ପାତ୍ରଙ୍କ ‘ଜାରଜ’ ଲୋକାର୍ପିତ ହୋଇଥିଲା। ସାହିତ୍ୟିକ ଜଗନ୍ନାଥ ପାତ୍ର, ରତ୍ନାକର ଦାସ, ଅମୂଲ୍ୟ ମିଶ୍ର, ଅରୁଣ ଜେନା, ଦାଶରଥି ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁରଲୀଧର ବେହେରା, ଅନନ୍ତ ଚରଣ ମୁଦୁଲି, ବନମାଳୀ ଯେନା, ଅକ୍ଷୟ ଜେନା, ଗଣେଶ ପ୍ରସାଦ କରଶର୍ମା, ଭାସ୍କର ଚନ୍ଦ୍ର ପାଢ଼ୀ, ଅଭୟ ସାମଲ, ବିଜୟ ବେହେରା ପ୍ରମୁଖ ୫୬ଜଣ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

### ଦେଓଗାଁ ଜାଗର ମେଳା ଜମୁଛି

ରାମଚନ୍ଦ୍ରପୁର,୧୭।୩(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଦେଓଗାଁର ପ୍ରସିଦ୍ଧ ଜାଗର ମେଳା ଜମୁଛି। ମହାଶିବରାତ୍ରୀଠାରୁ ଆରମ୍ଭ ହୋଇ ୧୨ଦିନ ଧରି ଚାଲିବାକୁ ଥିବା ମେଳାରେ ପ୍ରଭୁ କୁଶଳେଶ୍ୱରଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ମେଳାର ମଜା ଉଠାଇଛନ୍ତି। ଶୈଳଙ୍ଗ ଛକଠାରୁ ୮ କିଲୋମିଟର ଦୂରରେ ଅବସ୍ଥିତ ସର୍ବପୁରାତନ ଶୈବପୀଠ କୁଶଳେଶ୍ୱର ପୀଠରେ ଚଣା ଉଖୁଡ଼ା ଭୋଗ ପ୍ରସିଦ୍ଧ। ମେଳାରୁ ବିଭିନ୍ନ ଘରକରଣା ସାମଗ୍ରୀ, ବାସନ କୁସନ, ମନୋହରୀ ଦୋକାନରେ ମହିଳାମାନେ କିଣାବିକା କରୁଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଘସିପୁରା ପୋଲିସ ତରଫରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଆମ୍ବଗଡ଼ିଆରେ ଷ୍ଟ୍ରିଟ୍ ଲାଇଟ ଅଚଳ

ସୋସୋ,୧୭।୩(ସତ୍ୟବ୍ରତ ଜେନା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆମ୍ବଗଡ଼ିଆ ଗ୍ରାମରେ ପଞ୍ଚାୟତ ପକ୍ଷରୁ ଲଗିଥିବା ଷ୍ଟ୍ରିଟ୍ ଲାଇଟ ଅଚଳ ହୋଇପଡ଼ିଛି। ମରାମତି ପାଇଁ ଦାବି ହେଉଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଆମ୍ବଗଡ଼ିଆର ୧୦ ନଂ. ୱାର୍ଡରେ ପ୍ରାୟ ୫୦ ଗରିବ ପରିବାର ବସବାସ କରୁଥିବା ବେଳେ ପଞ୍ଚାୟତ ପକ୍ଷରୁ ଷ୍ଟ୍ରିଟ୍ ଲାଇଟ ଲଗିଥିଲା। ମାତ୍ର ସ୍ଥାପନର ବର୍ଷେ ନ ପୁରୁଣୁ ଲାଇଟ ଅଚଳ ହୋଇପଡ଼ିଛି। ଗ୍ରାମର ମନ୍ମଥ ଯେନା, ପ୍ରତାପ ଯେନା, ଧ୍ରୁବ ଯେନା, ସତିଆ ଯେନା ପ୍ରମୁଖ ଲାଇଟ ମରାମତି ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ୩୬ ନଂ. ଜିଲାପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ଅକରୁଆ ସରପଞ୍ଚ ହେମଲତା ବେହେରା ସମସ୍ୟା ସମାଧାନ କରିବାକୁ ହାଟଡିହୀ ବିଡ଼ିଓଙ୍କ ସହ କଥା ହୋଇଥିବା କହିଛନ୍ତି।

# ଅବାଧ, ନିରପେକ୍ଷ ନିର୍ବାଚନକୁ ପ୍ରାଥମିକତା

କେନ୍ଦୁଝର,୧୭।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

ସାଧାରଣ ନିର୍ବାଚନ ଲାଗି ଭାରତ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ଶନିବାର ତାରିଖ ଘୋଷଣା ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର କେନ୍ଦୁଝର ଜିଲାର ନିର୍ବାଚନୀ ପ୍ରସ୍ତୁତି ଓ ପରିଚାଳନା ବାବଦରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଚଳିତ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ହିଂସାମୁକ୍ତ କରିବା ଉପରେ ଗୁରୁତ୍ୱ ଦେବା ସହ ନିର୍ବାଚନକୁ ନେଇ ସବିଶେଷ ତଥ୍ୟ ଜିଲାପାଳ ବିଶାଲ ସିଂହ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ସଂସଦୀୟ କ୍ଷେତ୍ର ସମେତ ଜିଲାର ସମସ୍ତ ୬ ବିଧାନସଭା କ୍ଷେତ୍ର ଏବଂ କେନ୍ଦୁଝର ସଂସଦୀୟ କ୍ଷେତ୍ର ଅନ୍ତର୍ଭୁକ୍ତ ମୟୂରଭଞ୍ଜ ଜିଲା କରଞ୍ଜିଆ ବିଧାନସଭା ଲାଗି ମଇ ୨୫ରେ ମତଦାନ ଅନୁଷ୍ଠିତ ହେବ। ବିଜ୍ଞପ୍ତି

#### କେନ୍ଦୁଝରରେ ୧୩ ଲକ୍ଷ ୭୧ ହଜାର ୬୬୧ ଭୋଟର

୨୯ ଏପ୍ରିଲ ୨୦୨୪ରେ ପ୍ରକାଶ ପାଇବ। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ୬ ମଇ ଥିବା ବେଳେ ୭ ମଇ ପ୍ରାର୍ଥୀପତ୍ର ଯାଞ୍ଚ, ୯ ସୁଧା ପ୍ରତ୍ୟାହାର ଓ ୨୫ ମଇରେ ମତଦାନ ଏବଂ ୪ ଜୁନରେ ଗଣତି ହେବ। ଖର୍ଚ୍ଚ ତଦାରଖ ପାଇଁ ବ୍ୟବସ୍ଥା, ମିଡିଆ ସାର୍ଟିଫିକେଟ ଏବଂ ମନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ବ୍ୟବହୃତ ନାଗରିକ, ପ୍ରାର୍ଥୀ କେନ୍ଦ୍ରୀକ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗଗୁଡ଼ିକ ଯଥା ସି-ଭିଜିଲ ଆପ, ସୁବିଧା ପୋର୍ଟାଲ, ପ୍ରାର୍ଥୀ ଆଫିଡେଭିଟ ପୋର୍ଟାଲ, ଭୋଟର ସେବା ପୋର୍ଟାଲ, ଭୋଟର ହେଲ୍ପଲାଇନ ଏବଂ ସକ୍ଷମ ଆପ ବିଷୟରେ ବିବରଣୀ ଦେଇଥିଲେ। ଜିଲାରେ ମତଦାତା ସଂଖ୍ୟା ୧୩ ଲକ୍ଷ ୭୧ ହଜାର ୬୬୧ ଥିବା ବେଳେ ୬ ଲକ୍ଷ ୮୩ ହଜାର ୫୧୫ ପୁରୁଷ, ୬


କେନ୍ଦୁଝର ଜିଲାପାଳ ବିଶାଳ ସିଂ, ଏସ୍‌ପି ନୀତିନ କୁଶଲକର ଓ ଅନ୍ୟ ଅଧିକାରୀମାନେ।

ଲକ୍ଷ ୮୮ ହଜାର ୬୦ ମହିଳା ଏବଂ ୮୬ ଜଣ ତୃତୀୟ ଲିଙ୍ଗୀ। ସମୁଦାୟ ଭୋଟରଙ୍କ ମଧ୍ୟରୁ ୧୨ ହଜାର ୪୮୪ ଜଣ ଶାରୀରିକ ଅକ୍ଷମ, ୩୫ ହଜାର ୫୩୬ ନୂତନ ଭୋଟର, ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ୨୦ ହଜାର ୫ ଭୋଟର ରହିଛନ୍ତି। ୬ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ଣ୍ଣିଂ ଅଫିସର ଭାବେ ନିୟୋଜିତ ହୋଇଛନ୍ତି। ସର୍ବମୋଟ ୧୭୨୦ ବୁଥ ମଧ୍ୟରୁ ସଖୀ ବୁଥ୍ ୧୭୪, ଯୁବ ବୁଥ ୩୦, ଭିନ୍ନକ୍ଷମ ବୁଥ ୩, ଗୋଟେ ଏଥନିକ ବୁଥ ଭାବର ଚିହ୍ନଟ ହୋଇଛି। ୧୭୨୦ ପୋଲିଂ ଷ୍ଟେଶନରେ ୧୦ ହଜାର ୭୩୧ ପୁରୁଷ ଏବଂ ୧୬୫୩ ମହିଳା ପୋଲିଂ କର୍ମଚାରୀ ନିୟୋଜିତ ରହିବେ। ନିର୍ବାଚନ ସମ୍ପର୍କିତ ଅଭିଯୋଗର ୧୦୦ ଘଣ୍ଟା ମଧ୍ୟରେ ଶୁଣାଣି କରାଯିବ ବୋଲି କହିଛନ୍ତି। ଜିଲା ଆରକ୍ଷୀ ଅଧିକ୍ଷକ କୁଶଲକର ନୀତିନ ଡାଗୁଡ୍ଡୁ, ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଓ ଡେପୁଟି କଲେକ୍ଟର, ନିର୍ବାଚନ ବିକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ରାଜନୈତିକ ଦଳ ସହିତ ନିର୍ବାଚନୀ ଆଲୋଚନା

କେନ୍ଦୁଝର,୧୭।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ରବିବାର ସାଧାରଣ ନିର୍ବାଚନ ୨୦୨୪ ସମ୍ବନ୍ଧୀୟ ପ୍ରସଙ୍ଗରେ ରାଜନୈତିକ ଦଳଗୁଡ଼ିକ ସହିତ ଆଲୋଚନା କରିବା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ କୁଶଲକର ନୀତିନ ଡାଗୁଡ୍ଡୁ, ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଡେପୁଟି କଲେକ୍ଟର ବିକାଶ ଚନ୍ଦ୍ର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ସ୍ୱଚ୍ଛତା ଏବଂ ନିରପେକ୍ଷତା ସହ ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ସାଧାରଣ ସଭା ଆୟୋଜନ କରିବାକୁ ଏସ୍‌ପି ପ୍ରକାଶ କରିଥିଲେ। ବୈଠକରେ ଭାଜପା ପକ୍ଷରୁ ପ୍ରକାଶ ଚନ୍ଦ୍ର ସୂତ୍ରଧର, କଂଗ୍ରେସ ତରଫରୁ ବିଜୟ ରଣା, ବିଜେଡି ପକ୍ଷରୁ ଶୁଭେନ୍ଦୁ ପଟ୍ଟନାୟକ, ଏଏପିରୁ ଭବାନୀ ଶଙ୍କର ମହାନ୍ତ ଓ ବହୁଜନ ସମାଜବାଦୀ ପାର୍ଟିର ସୋମନାଥ ଜେନା ଉପସ୍ଥିତ ଥିଲେ।

# କେନ୍ଦୁଡିହିରେ ୭୦ ଘରେ ଜଳିଲା ସୌର ବିଜୁଳି



ସୌର ଶକ୍ତି ପ୍ରକଳ୍ପକୁ ଅତିଥି ଶୁଭାରମ୍ଭ କରୁଛନ୍ତି।

ଯୋଡ଼ା,୧୭।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ କେନ୍ଦୁଡିହି ଗ୍ରାମକୁ ଟାଟା ଷ୍ଟିଲ ଫାଉଣ୍ଡେଶନର ସହାୟତାରେ ସୌର ଶକ୍ତି ଗ୍ରାମରେ ରୂପାନ୍ତରିତ କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ଗ୍ରାମରେ ଥିବା ସମସ୍ତ ୭୦ ଘରକୁ ସୌରଶକ୍ତି ଯୋଗାଇ ଦିଆଯିବା ସହ ୪ ବଲବ, ଗୋଟିଏ ଟେବୁଲ ପଙ୍ଖା ଏବଂ ଚାର୍ଜ ସରଞ୍ଜାମ ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦୁଝର ଡିଏଫଓ ଧନ୍‌ରାଜ ହନୁମନ୍ତ ଧମଧେରା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର କଲମଙ୍ଗ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରାଙ୍କ ସମେତ ବଡ଼ବିଲ ରେଞ୍ଜ ଅଫିସର ରଞ୍ଜନ କାଲୋ, ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଗୁଆଲି ସରପଞ୍ଚ ବିଦ୍ୟାଧର ନାଏକ, କେନ୍ଦୁଡିହି ଗ୍ରାମର ସମସ୍ତ ୱାର୍ଡ ମେମ୍ବର ଏବଂ ଟିଏସଏଫର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନର ସୌରଶକ୍ତି ପଦକ୍ଷେପ ଅନ୍ତର୍ଗତ କେନ୍ଦୁଡିହି ଗ୍ରାମରେ ୧୫ ଗୋଟି ଷ୍ଟ୍ରିଟ୍ ଆଲୁଅ ଲଗାଯିବା ସହ ସୌରଶକ୍ତି ଦ୍ୱାରା ଚାଳିତ ୫୦୦୦ ଲିଟର କ୍ଷମତା ବିଶିଷ୍ଟ ୫ ପାଣି ବିତରଣ ପଏଣ୍ଟ ସ୍ଥାପନ କରାଯାଇଛି। କେନ୍ଦୁଡିହି ଗ୍ରାମରେ ଏହି ଉନ୍ନତୀମୂଳକ କାର୍ଯ୍ୟ ବ୍ୟତୀତ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ କେନ୍ଦୁଡିହି ବିଦ୍ୟାଳୟରେ ୨ ନୂଆ ଶ୍ରେଣୀ ଗୃହ ନିର୍ମାଣ, ସ୍କୁଲ ପିଲାଙ୍କ ପାଇଁ ଖେଳ ଉପକରଣ, ବର୍ଷା ଜଳ ସଂରକ୍ଷଣ ଯୋଜନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଛେଳି ଗୃହ ନିର୍ମାଣ, କିଚେନ ଗାଡେନ ଓ ଛତୁ ଚାଷ ପାଇଁ ସମସ୍ତ ସହାୟତା ପ୍ରଦାନ କରାଯାଇଛି।

### ବିଧବା ଭତ୍ତାରୁ ବଞ୍ଚିତ ଜାହାଜ

କେନ୍ଦୁଝର,୧୭।୩(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦ୍ର ଓ ରାଜ୍ୟ ସରକାର ଗରୀବ ଲୋକଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ବହୁ କ୍ଷେତ୍ରରେ ଯୋଗ୍ୟ ଗରିବ ହିତାଧିକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳ ଚମ୍ପେଇ ଗ୍ରାମ ପଞ୍ଚାୟତ ଶିରିଶଖୁଣ୍ଟା ଗ୍ରାମର ଜାହାଜ ମହାକୁଡ଼ଙ୍କ କ୍ଷେତ୍ରରେ। ଜାହଜ ଉକ୍ତ ଗ୍ରାମ ପଞ୍ଚାୟତ ରୁଗୁଡ଼ି ଗ୍ରାମରେ ବିବାହ କରିଥିଲେ। ୧୦ ବର୍ଷ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ପିତା ରାମ ଚନ୍ଦ୍ର ବାରିକଙ୍କ ଘରେ ରହୁଛନ୍ତି। ବିଧବା ଭତ୍ତା ପାଇଁ ପଞ୍ଚାୟତ, ବ୍ଲକ ଦଉଡ଼ି ୱାର୍ଡ ମେମ୍ବର, ସରପଞ୍ଚ ଓ ବିଡିଓଙ୍କୁ ଗୁହାରି କରିଥିଲେ ବି ଆଜି ପର୍ଯ୍ୟନ୍ତ ଭତ୍ତା ହୋଇପାରି ନାହିଁ। ବଣ ଜଙ୍ଗଲ ଘେରା ଏ ଅଞ୍ଚଳ ବ୍ଲକ୍‌ରୁ ପ୍ରାୟ ୫୦ କି.ମି. ଦୂରତାରେ ଓ ବ୍ଲକ୍‌ର ଶେଷ ସୀମାରେ ଅବସ୍ଥିତ। ବାରମ୍ବାର ବ୍ଲକକୁ ଯିବା ତାଙ୍କ ପକ୍ଷେ କଷ୍ଟ ସାଧ ବୋଲି କହିଛନ୍ତି।

# କେନ୍ଦୁଝର ଶୋଭାରାଜିକୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର

## ପ୍ରଶଂସା ସାଉଁଟୁଛନ୍ତି ରାଜ

କେନ୍ଦୁଝର,୧୭।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଶୋଭାରାଜିକୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର କରି ପ୍ରଶଂସା ସାଉଁଟୁଛନ୍ତି କେନ୍ଦୁଝରର ଯୁବ ଫୋଟୋଗ୍ରାଫର ସୌମ୍ୟଜିତ୍ ଦାଶ (ରାଜ)। ଭିଡିଓରେ ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକୁ ସ୍ଥାନିତ କରାଯାଇଛି। ଆଗରୁ କେନ୍ଦୁଝର ଜିଲାକୁ ନେଇ ମଧ୍ୟ କ୍ଷୁଦ୍ର ଚଳଚ୍ଚିତ୍ର କରିଥିଲେ। କ୍ଷୁଦ୍ର ଚଳଚ୍ଚିତ୍ରରେ କେନ୍ଦୁଝରର ଗୋନାସିକା, ବଡ଼ଘାଗରା, ଖଣ୍ଡାଧାର, ଘଟଗାଁ, ଗୁଣ୍ଡିଚାଘାଗିକୁ ଅତି ସୁନ୍ଦର ଭାବେ ଦେଖାଯାଇଛି। ଏଥିରେ ପ୍ରଯୋଜକ ଆଉ ନିର୍ଦ୍ଦେଶକ ସୌମ୍ୟଜିତ୍ ରହିଥିବା ବେଳେ, ସିନେମାଟୋଗ୍ରାଫର୍ ଶ୍ରୀଧର ଜେନା, ସହକାରୀ ସିନେମାଟୋଗ୍ରାଫର୍ ବବୁଲ ଦାସ, ଡ୍ରୋନ୍‌ରେ ସୁବ୍ରତ ହୋତା, ଏଡିଟର୍ ଭାବେ ଜ୍ୟୋତି କାମ କରିଛନ୍ତି। କ୍ଷୁଦ୍ର ଚଳଚ୍ଚିତ୍ର ୨୦୨୩ରେ କେନ୍ଦୁଝରିଆଙ୍କୁ ବହୁତ ଭଲ ଲାଗିଥିବା ଜଣାପଡ଼ିଛି। କେନ୍ଦୁଝର ଜିଲାରେ ବହୁ ସମ୍ଭାବନା ଭରି ରହିଛି। ତେଣୁ ଜିଲାକୁ ରାଜ୍ୟ ତଥା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ଦେବାକୁ ପ୍ରୟାସ ଜାରି ରଖିଥିବା ରାଜ କହିଛନ୍ତି।

# ରାସ୍ତାରେ ୧୭ ଟିକିଆ ହାତୀପଲ

ଯୋଡ଼ା,୧୭।୩(ମାନସ ମହାନ୍ତି)



କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ଯୋଡ଼ା ସେକ୍ସନର ଗୁରୁବେଡ଼ାଠାରେ ୧୭ଟିକିଆ ହାତୀପଲ ରବିବାର ସନ୍ଧ୍ୟାରେ ରାସ୍ତାରେ ଚଳପ୍ରଚଳ କରୁଥିଲେ। ଦୀର୍ଘ ୨ ଘଣ୍ଟା ଝୁମ୍ପୁରୁଡ଼ି- ଯୋଡା ରାଜ୍ୟ ରାଜପଥର ଗୁରୁବେଡ଼ା ଛକ ନିକଟରେ ଚଳ ପ୍ରଚଳ କରୁଥିବାରୁ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା। ସାଧାରଣ ଲୋକଙ୍କ ଯାତାୟାତ ମଧ୍ୟ ଠପ ହୋଇଯାଇଥିଲା। ପଲରେ ୪ ଦନ୍ତା, ୭ ମାଈ ଓ ୬ଟି ଛୁଆ ହାତୀ ରହିଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଯୋଡ଼ା ବନପାଳ ତ୍ରିନାଥ ଜେନା କହିଛନ୍ତି, ଝାଡ଼ଖଣ୍ଡରୁ ଆସି ଚମ୍ପୁଆ ରେଞ୍ଜର କାଳୀକା ପ୍ରସାଦରେ ହାତୀପଲ ରହିବା ପରେ ଗତ ୪ ଦିନ ହେବ ଗୁରୁବେଡ଼ା ଜଙ୍ଗଲରେ ରହୁଛନ୍ତି। ଏମାନଙ୍କ ଗତି ବିଧି ଉପରେ ବନ ବିଭାଗ ନଜର ରଖିଛି। ନିକଟରେ ରେଳ ଧାରଣା ଥିବାରୁ ହାତୀ ମାନଙ୍କ ଉପସ୍ଥିତି ନେଇ ନିକଟସ୍ଥ ରେଳ ଷ୍ଟେଶନକୁ ଜଣାଇ ଦିଆଯାଇ ଥିବା କହିଛନ୍ତି। ୧୭ଟିକିଆ ହାତୀପଲ ବୈତରଣୀ ସଂରକ୍ଷିତ (ଏ) ଜଙ୍ଗଲରେ ରହୁଥିବା ବେଳେ ବୈତରଣୀ ସଂରକ୍ଷିତ ଜଙ୍ଗଲ (ବି)ର ଝରଣ ଜଙ୍ଗଲରେ ୯ଟି ହାତୀ ଥିବା କହିବା ସହିତ ଏଥି ପାଇଁ ବନ ରକ୍ଷୀ ଓ ହାତୀ ସ୍କ୍ୱାର୍ଡ ନିୟୋଜିତ ଥିବା ସୂଚନା ଦେଇଥିଲେ। ପ୍ରକାଶ ଯେ, ବିଗତ ଦିନରେ ଉକ୍ତ ଅଞ୍ଚଳରେ ଟ୍ରେନ୍ ଧକ୍କାରେ ୬ ହାତୀ ମୃତ୍ୟୁବରଣ କରିଥିଲେ। ଏଣୁ ଏଥିପ୍ରତି ବନ ବିଭାଗ ସଜାଗ ରହିବା ପାଇଁ ସାଧାରଣରେ ଦାବି ହେଉଛି।

### ସାନ୍ତାଳି ସମ୍ପ୍ରଦାୟଙ୍କ ବାହାବଙ୍ଗା ପର୍ବ

କେନ୍ଦୁଝର,୧୭।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଜଡ଼ିଚାତର ଗ୍ରାମରେ ସାନ୍ତାଳି ସମ୍ପ୍ରଦାୟଙ୍କ ବାହାବଙ୍ଗା ପର୍ବ ପାଳିତ ହୋଇଯାଇଛି। ଗ୍ରାମର ଜାହେରାୟ, ନିଟେଗସାୟୀ, ମଣେକ ଦେବାଦେବୀଙ୍କୁ ନାଏକବାବା ଭରତ ମାରାଣ୍ଡି ପୂଜାର୍ଚ୍ଚନା କରିଥିଲେ। ଜଡ଼ିଚାତର ଗ୍ରାମର ପୁରୁଷ ମହିଳାମାନେ ନୂଆଁ ପୋଷାକ ପରିଧାନ କରି ମାଦଳର ତାଳେ ତାଳେ ଆନନ୍ଦ ଉଲ୍ଲାସରେ ନୃତ୍ୟଗୀତ ପରିବେଷଣ କରିଥିଲେ। ଏଥିପାଇଁ ଆଦିମ ଓଆରଜାରପା ଅପେରାର ନାଟକ ‘ଆଲମ ବାଗିଆୟାଁଗାତେ ତପଲସେଗେଇ ତପାକାତେ’ ବିଷୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଡ଼ିଚାତର ମାର୍ସାଲ କ୍ଲବ୍‌ର ଦିଲ୍ଲୀପ ମାଡ଼ି, ରଘୁନାଥ ଟୁଡୁ, ଯୋଗେନ୍ଦ୍ର ମାଡ଼ି, ଗୋପାଲ ହେମ୍ବ୍ରମ, ପରେଶ ଟୁଡୁ, ମନୋଜ ମାଡ଼ି, ମିଥୁନ ସୋରେନ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ୮ ମାସରେ ୧୩ରୁ ୪ ସମ୍ପୂର୍ଣ୍ଣ

## ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ପ୍ରକଳ୍ପ କାର୍ଯ୍ୟ ଧିମା

ହାଟଡ଼ିହୀ,୧୭।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କଚ୍ଛପ ଗତିରେ ଚାଲୁଛି। ଦୀର୍ଘ ୮ ମାସ ହେବ ଅର୍ଥ ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହାଇଥିବା ବେଳେ ଅଦ୍ୟାବଧି ମାତ୍ର ୪ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଓଡ଼ିଶା ସରକାରଙ୍କ ପ୍ଲାନିଂ ଆଣ୍ଡ କନଭରଜେନ୍ସ ତରଫରୁ ୧୬ ତମ ଫେଜ୍ (୧୯ ଜୁନ୍ ୨୦୨୩)ରେ କେନ୍ଦୁଝର ଜିଲାରେ ୧୧୬ ପ୍ରକଳ୍ପ ପାଇଁ ମୋଟ ୨୦ କୋଟି ୪୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ମିଳିଥିଲା। ସେଥି ମଧ୍ୟରୁ ହାଟଡ଼ିହୀ ବ୍ଲକ୍ ଅଧୀନ ୩୧ ପଞ୍ଚାୟତ ମଧ୍ୟରୁ ୯ ପଞ୍ଚାୟତର ୧୩ ଧାର୍ମିକ ଅନୁଷ୍ଠାନ ପ୍ରକଳ୍ପର ମରାମତି ଏବଂ ପୁନଃରୁଦ୍ଧାର ସହ ବରିଷ୍ଠ ନାଗରିକ ପାଇଁ ହାଟଡ଼ିହୀ ପଞ୍ଚାୟତରେ ଏକ ଫ୍ୟାସିଲିଟେସନ କେନ୍ଦ୍ର ନିର୍ମାଣ ପାଇଁ ବ୍ୟୟ ବରାଦ ହୋଇଥିଲା। ହାଟଡ଼ିହୀ ପଞ୍ଚାୟତ ପାଇଁ ସର୍ବାଧିକ ୩ ଟି, ଗେଡ଼ମା, ଢେଙ୍କା ପଞ୍ଚାୟତ ପାଇଁ ୨ ଟି ଲେଖାଏଁ, ବଡରମ୍ପାସ, ଆମ୍ବୋ, ହାବଳେଶ୍ୱର, ଶଢ଼ା, ପନ୍ଦାଡୋ, ବଞ୍ଚୋ ପଞ୍ଚାୟତ ପାଇଁ ୧ ଟି ଲେଖାଏ ପ୍ରକଳ୍ପ ଅନୁମୋଦନ ହୋଇଛି। ଏଥିପାଇଁ ମୋଟ ୧ କୋଟି ୮୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପ୍ରକଳ୍ପ ଅନୁମୋଦନ ଏବଂ ଅନୁଦାନ ମଞ୍ଜୁରକୁ ୮ ମାସ ବିତି ଯାଇଥିଲେ ବି ମାତ୍ର ୪ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ବିଶେଷ କରି ହାଟଡ଼ିହୀର ୩ ଟି ଯାକ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଏଠାକାର ଯନ୍ତ୍ରୀ ପ୍ରଫୁଲ୍ଲ ବେହେରା କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ। ଢେଙ୍କାରେ ୨ଟିରୁ ୧ ପ୍ରକଳ୍ପ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ସେହିପରି ହାବଳେଶ୍ୱର, ଶଢ଼ା, ଗେଡ଼ମା, ବଞ୍ଚୋ ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟ ଅସମ୍ପୂର୍ଣ ରହିଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ଜେନା କହିଛନ୍ତି, ଆମ୍ବୋ, ବଡ଼ରମ୍ପାସ, ପନ୍ଦାଡ଼ୋ ପଞ୍ଚାୟତ ରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଢେଙ୍କା ପଞ୍ଚାୟତରେ ଗୋଟିଏ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। କେନ୍ଦୁଝର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି, ସମଗ୍ର ଜିଲାରେ ୧୧୬ ପ୍ରକଳ୍ପ ମଧ୍ୟରୁ ପ୍ରାୟ ୫୦ ରୁ ୬୦ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବାକି ସବୁ କାର୍ଯ୍ୟ ଜାରି ରହିଛି ଖୁବ୍‌ଶୀଘ୍ର ଶେଷ ହୋଇଯିବ।

# ବାଇକ୍ ଡିକି ଭାଙ୍ଗି ଲୁଟ୍ ଘଟଣାରେ ୩ ଗିରଫ

## ଅଭିଯୁକ୍ତଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ମାମଲା

କେନ୍ଦୁଝର,୧୭।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଏଚ୍‌ଡିଏଫସି ବ୍ୟାଙ୍କ ସମ୍ମୁଖରୁ ବାଇକ୍ ଡିକି ଭାଙ୍ଗି ଲୁଟ ଘଟଣାରେ ଟାଉନ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା ଯଖପୁରା ଥାନା ଅଞ୍ଚଳର ଦଶମାଣିଆର ଗଣେଷ ପ୍ରଧାନ(୩୫), କିଶୋର ପ୍ରଧାନ(୨୪) ଏବଂ ଲୁଟ ଅର୍ଥ ନେଇଥିବା ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ନିରୁପମା ବଳ। ପ୍ରକାଶ ଯେ, ମାର୍ଚ୍ଚ ୧୩ ତାରିଖରେ ନରଣପୁର ମା’ ତାରିଣୀ ଗ୍ରୋସରୀ ଷ୍ଟୋର କର୍ମଚାରୀ ସୁଶିଲ ଦାସ ବ୍ୟାଙ୍କରେ ଟଙ୍କା ଜମା କରିବାକୁ କେନ୍ଦୁଝର ଆସିଥିଲେ। ଜଗନ୍ନାଥପୁର ସ୍ଥିତ ଏଚ୍‌ଡିଏଫସି ବ୍ୟାଙ୍କରେ ଟଙ୍କା ଜମା କରିବା ପରେ ଅବଶିଷ୍ଟ ୨ଲକ୍ଷ ଟଙ୍କା ବାଇକ୍ ଡିକିରେ ରଖି ପରିଶ୍ରା କରିବାକୁ ଯାଇଥିଲେ। ଫେରି ଗାଡି ଡିକି ଭାଙ୍ଗାଯାଇଥିବା ସହ ଟଙ୍କା ନ ଥିବା ଦେଖିଥିଲେ। ଏ ନେଇ ମା’ ତାରିଣୀ ଗ୍ରୋସରୀ ଷ୍ଟୋର ମାଲିକ ଧର୍ମେନ୍ଦ୍ର ସାହୁଙ୍କ ଅଭିଯୋଗ ପରେ ଟାଉନ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଢେଙ୍କିକୋଟ ହାଟରୁ ଗଣେଷ ଓ କିଶୋରଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ବୟାନ ଆଧାରରେ ମହିଳାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ନଗଦ ୧ଲକ୍ଷ ୭୦ ହଜାର ଟଙ୍କା, ବାଇକ୍, ୩ ମୋବାଇଲ ଫୋନ, ପେଚକସ ଜବତ୍ କରାଯାଇଛି। ଗଣେଷଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୬ ଚୋରି ମାମଲା ରହିଛି।। ଗଣେଷ ବ୍ୟବହାର କରୁଥିବା ଓଡି ୨୧ ବି ୭୧୮୬ ୟୁନିକନ ବାଇକ ଭୁବନେଶ୍ୱର ୟୁନିଟ-୬ ରୁ ଗତ ଡିସେମ୍ବର ୨୨ତାରିଖ ଚୋରି କରି ବ୍ୟବହାର କରୁଥିଲେ। ନିରୁପମା ମଧ୍ୟ ଚୋରି ମାମଲାରେ ଗିରଫ ହୋଇ ଗତ ୧୩ ତାରିଖ ଦିନ ଜାମିନ୍‌ରେ ଆସିଥିଲେ। ଘଟଣାରେ ର୍ୟାକେଟ ଜଡିତ ଥିବା ଟାଉନ ଥାନା ଅଧିକାରୀ ରମାକାନ୍ତ ସାଇ ସୂଚନା ଦେଇଛନ୍ତି।

# ପ୍ରଥମ ବୈଠକରେ ଝାନ୍‌ସୀଙ୍କ ପରିବର୍ତ୍ତନର ସ୍ୱର


ମହିଳାଙ୍କ ଗହଣରେ ଭାଜପା ନେତ୍ରୀ ଝାନ୍‌ସୀ ରାଣୀ ଦାସ।

ଆନନ୍ଦପୁର,୧୭।୩(ଉମେଶ ଚନ୍ଦ୍ର ପାଢ଼ୀ/ସୁଶାନ୍ତ କୁମାର ସାହୁ)

ଆନନ୍ଦପୁର ନିର୍ବାଚନମଣ୍ଡଳୀର କୋଣ ଅନୁକୋଣରେ ସମାଜସେବା ନାରେ ସଂଗଠନକୁ ସୁଦୃଢ଼ କରିଆସୁଥିବା ସାମାଜିକର୍ମୀ ତଥା ଆଇନଜୀବୀ ଝାନସୀରାଣୀ ଦାସ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ରବିବାର କଣ୍ଟିପାଳ ପଞ୍ଚାୟତ ରାଇପାଳ ଖେଳପଡ଼ିଆରେ ପ୍ରଥମ ନିର୍ବାଚନୀ ସଭା କରି ପରିବର୍ତ୍ତନର ନାରା ଦେଇଛନ୍ତି। ରାଜ୍ୟରେ ଲାଗି ରହିଥିବା ଭାଜପା ଓ ବିଜେଡି ମେଣ୍ଟ ଚର୍ଚ୍ଚା ଚୁଡ଼ାନ୍ତରେ ପହଞ୍ଚି ନ ଥିବାବେଳେ ଭାଜପାର ଏଭଳି ନିର୍ବାଚନୀ ସଭା ଚର୍ଚ୍ଚାର ପରିସରକୁ ଆସିଛି। ପରିବର୍ତ୍ତନର ସ୍ୱରରେ ଆୟୋଜିତ ସଭାରେ ଅନେକ ଶହ ସଂଖ୍ୟାରେ ମହିଳା ଏକତ୍ରିତ ହୋଇ ଝାନସୀଙ୍କୁ ଭବ୍ୟ ସ୍ୱାଗତ କରିବା ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଆୟୋଜିତ ସଭାରେ ଆମ ପରିବାର, ମୋଦୀ ପରିବାର ଏ ମାଟିର ସ୍ୱାଭିମାନୀ ଝିଅ ସହିତ ଦୁର୍ନୀତି ଖୋର ନେତାଙ୍କ ବିରୋଧରେ ଲଢେଇ ବୋଲି କହିବା ସହିତ ସମସ୍ତେ ଏକଜୁଟ୍ ହୋଇ ଚଳିତ ନିର୍ବାଚନରେ ଉଚିତ୍ ଜବାବ ଦେବାକୁ ଆହ୍ୱାନ କରିଥିଲେ। ଗରିବଙ୍କ କଲ୍ୟାଣ ନିମନ୍ତେ ଉର୍ଦ୍ଦିଷ୍ଟ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନିଜ ଯୋଜନାର ରୂପରେଖ ଦେଇ ଅନିୟମିତତା ପ୍ରଦର୍ଶନ କରୁଥିବା ପ୍ରକାଶ କରିଥିଲେ। ଆନନ୍ଦପୁର ଅଞ୍ଚଳରେ ବହୁବିଧ ସମସ୍ୟା ଭରି ରହିଥିଲେ ମଧ୍ୟ କ୍ଷମତା ଗାଦିରେ ବସୁଥିବା ନେତାମାନେ ନିଜ ସ୍ୱାର୍ଥ ଆଗରେ ଲୋକମାନଙ୍କୁ ଅଣଦେଖା କରୁଥିବା କହିଥିଲେ। ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ହେଲେ ୨୦୨୪ରେ ପଦ୍ମଫୁଲ ଫୁଟିବା ଦରକାର ବୋଲି ନାରୀମାନଙ୍କୁ ଝାନ୍‌ସୀ ଆହ୍ୱାନ କରିଥିଲେ। ନିର୍ବାଚନୀ ସଭାରେ ବହୁ ସଂଖ୍ୟାରେ ମହିଳା ଏକାଠି ହୋଇ ରାଜନୈତିକ ମାହୋଲକୁ ସରଗରମ କରିଥିଲେ।

# କଂଗ୍ରେସର ସାଧାରଣ ବୈଠକ ଓ ମିଶ୍ରଣ ପର୍ବ


ମିଶ୍ରଣ ପର୍ବରେ ଉପସ୍ଥିତ କଂଗ୍ରେସ ନେତାମାନେ।

ଆନନ୍ଦପୁର,୧୭।୩
(ସୁଶାନ୍ତ କୁମାର ସାହୁ/ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ମୋଚିନ୍ଦା ପଞ୍ଚାୟତ ମୋଚିନ୍ଦାଠାରେ ୨ ନଂ ଜୋନ୍‌ର ୬ ପଞ୍ଚାୟତକୁ ନେଇ କଂଗ୍ରେସ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଅନେକ ହଜାର କଂଗ୍ରେସ କର୍ମୀ ଯୋଗଦାନ ଦେଇଥିଲେ। ଏହି ଅବସରରେ ୪୦୦ରୁ ଉର୍ଦ୍ଧ୍ୱ କର୍ମୀ ଅନ୍ୟଦଳ ଛାଡ଼ି କଂଗ୍ରେସରେ ସାମିଲ ହୋଇଥିଲେ। ସମାବେଶରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ତଥା ଓଡ଼ିଶାର ପୂର୍ବତନ ମନ୍ତ୍ରୀ, ପ୍ରଦେଶ କଂଗ୍ରେସ କମିଟିର ସଭାପତି ଜୟଦେବ ଜେନା, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଇଂ. ମନୋଜ କୁମାର ଜେନାଙ୍କ ସମେତ ଆନନ୍ଦପୁର ବ୍ଲକ୍ ସଭାପତି ବିଷ୍ଣୁପ୍ରସାଦ ସାହୁ, ଆନନ୍ଦପୁର ମ୍ୟୁନିସିପାଲିଟି ସଭାପତି ହାଡିବନ୍ଧୁ ଖୁଣ୍ଟିଆ, ଜିଲା ଉପ ସଭାପତି ନିକୁଞ୍ଜ ବିହାରୀ ମିଶ୍ର, ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ଶ୍ରୀଧର ଦଳେଇ, ଜିଲା ସାଧାରଣ ସମ୍ପାଦକ ଆଲୋକ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ଭ୍ରଷ୍ଟାଚାରୀ ବିଜେଡି ଓ ଭାଜପା ବିରୋଧରେ ସମସ୍ତ ଜନସାଧାରଙ୍କୁ ଉଦ୍‌ବୋଧନ ଦେବା ସହ କଂଗ୍ରେସର ଗ୍ୟାରେଣ୍ଟି ବିଷୟରେ ସଚେତନ କରିଥିଲେ।

## ସଂକ୍ଷେପରେ

### ‘ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ଥିଲେ କବିଶେଖର ଚିନ୍ତାମଣି’

ଭଦ୍ରକ,୧୭।୩(ସନାତନ ରାଉତ)– ଓଡ଼ିଆ ଭାଷା ବିପଦରେ ଥିବାବେଳେ ଏହାର ମର୍ଯ୍ୟାଦା ବଜାୟ ରଖିବା ଦିଗରେ ଭାଷାପ୍ରେମୀ ସାରସ୍ୱତ ସାଧକ କବିଶେଖର ଚିନ୍ତାମଣିଙ୍କ ଅତୁଳନୀୟ ଭୂମିକା ଥିଲା। ବିଭିନ୍ନ ପତ୍ରପତ୍ରିକା ସମ୍ପାଦନା ଓ ସାମ୍ବାଦିକତା ସମୟରେ ସେ ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ଭାବେ ସ୍ମରଣୀୟ ବୋଲି କବିଶେଖର ଚିନ୍ତାମଣି ମହାନ୍ତିଙ୍କ ୧୫୭ତମ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାହିତ୍ୟ ଏକାଡେମୀ ଓ ଭଦ୍ରକ ପୂଜ୍ୟପୂଜା ସଂସଦର ମିଳିତ ଆନୁକୂଲ୍ୟରେ ଜିଲା ସଂସ୍କୃତି ଭବନଠାରେ ଆୟୋଜିତ ସ୍ମୃତିସଭାରେ ପୂଜ୍ୟପୂଜା ସଂସଦର ସଭାପତି କରୁଣାକର ବେହୁରିଆ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଗୌରବ ବଢ଼ାଇଥିବାରୁ କବିଶେଖର ଚିନ୍ତାମଣି ନମସ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ମୁଖ୍ୟବକ୍ତା ପଣ୍ଡିତ ଶ୍ରୀବସ୍ତ୍ର କରଶର୍ମା ଓ ଅନ୍ୟତମ ବକ୍ତା ଭାବେ ସାହିତ୍ୟିକ ପ୍ରଭାତ କୁମାର ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ପଣ୍ଡିତ ଶ୍ରୀବସ୍ତ୍ର କରଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହସମ୍ପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ। କବି କାଳନ୍ଦୀ ମଲ୍ଲିକ କବିଶେଖରଙ୍କ କବିତା ପାଠ କରିଥିଲେ। ଶେଷରେ ଖବରଦାତା ରମେଶ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ହଂସଧ୍ୱନି ସମାରୋହ

ବାସୁଦେବପୁର,୧୭।୩ (ନାରାୟଣ ପ୍ରସାଦ ବାରିକ୍)–ବାସୁଦେବପୁର ବ୍ଲକର ଗୁଆଗଡ଼ିଆ ପଞ୍ଚାୟତର କମାରଗାଁ ଛକଠାରେ ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ ଆନୁକୂଲ୍ୟରେ ୪ର୍ଥ ବାର୍ଷିକ ହଂସଧ୍ୱନି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ ସଭାପତି ମନ୍ମଥ ଅଗସ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରୋଜେକ୍ଟ ଛାଉଣିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଶୁଭଶ୍ରୀ ମୁଖାର୍ଜୀ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ, ନୃତ୍ୟ, କଳା ଓ ସଂସ୍କୃତି ଓଡ଼ିଶାର ପ୍ରାଣ। ଓଡ଼ିଶାର ନୃତ୍ୟକଳା ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିପାରିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଦେବକୀ ନନ୍ଦନ ଚୌଧୁରୀ, କବି ସୁଦର୍ଶନ ଅଗସ୍ତି, ବାଇଚଢ଼େଇର ସମ୍ପାଦକ ବିକାଶ ଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ସମୀର କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀନିବାସ ଘଟୁଆରି ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତିଙ୍କୁ ଧ୍ରୁବ ସମ୍ମାନ–୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଧସିଲା ନଦୀବନ୍ଧ, ଲୋକେ ଆତଙ୍କିତ

ଚାନ୍ଦବାଲି,୧୭।୩
(ଅଶୋକ କୁମାର ପଣ୍ଡା/କିଷାନ ପାତ୍ର)



ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରାଇ ମନ୍ଦିର ଦକ୍ଷିଣ ପାର୍ଶ୍ୱ ଦେଇ ଯାଇଥିବା ମନ୍ତେଇ ଓ ବୈତରଣୀ ନଦୀର ସଙ୍ଗମସ୍ଥଳରେ ପ୍ରାୟ ୭୦ ଫୁଟ୍ ଲମ୍ବର ନଦୀବନ୍ଧ ଶନିବାର ଧସିଯାଇଛି। ଧାମରା ପଞ୍ଚାୟତରେ ଗତ ଫେବୃଆରୀରେ ହବାଲିଘାଟଠାରେ ୫୦ ଫୁଟ୍‌ର ନଦୀବନ୍ଧ ଧସିଥିଲା। ବାକି ଥିବା ନଦୀବନ୍ଧ ଯଦି ଧସିଯାଏ ତେବେ ସମସ୍ତ ଚାଷଜମିକୁ ଲୁଣାପାଣି ମାଡ଼ିଯିବା ଆଶଙ୍କା ରହିଛି। ଏହି ନଦୀବନ୍ଧ ରାସ୍ତା ଦେଇ ଧାମରା ପଞ୍ଚାୟତର ୨ଟି ୱାର୍ଡର ବାସିନ୍ଦା ଚଳପ୍ରଚଳ ହେଉଥିବା ବେଳେ ରାସ୍ତାଟି କେଉଁ ମୂହୂର୍ତ୍ତରେ ସମ୍ପୂର୍ଣ୍ଣ ଧସିଯାଇପାରେ ବୋଲି ଅଞ୍ଚଳବାସୀ ଆଶଙ୍କା କରିଛନ୍ତି। ଧସିଥିବା ସ୍ଥାନରୁ ବଙ୍ଗୋପସାଗର ମୁହାଣ ମାତ୍ର ୨ କି.ମି. ହୋଇଥିବା ବେଳେ ଏହି ମୁହାଣରେ ସବୁ ସମୟରେ ପାଣି ଭରପୂର ଥାଏ। ଜୁଆର ସମୟରେ ଏହି ନଦୀବନ୍ଧ ସମ୍ପୂର୍ଣ୍ଣ ନଦୀ ମଧ୍ୟକୁ ଧସିଯାଇପାରେ। ନଦୀବନ୍ଧ ସମ୍ପୂର୍ଣ୍ଣ ଧସିଗଲେ ୨ଟି ୱାର୍ଡର ବାସିନ୍ଦାଙ୍କ ଯାତାୟାତ ବନ୍ଦ ହେବା ସହ ପଞ୍ଚାୟତରେ ଥିବା ସମସ୍ତ ଚାଷଜମିରେ ଲୁଣାପାଣି ମଧ୍ୟ ମାଡ଼ିଯିବ। ପଞ୍ଚାୟତର ବହୁ ଲୋକଙ୍କ ଘର ନଦୀ ଆଁରେ ମିଶିଯିବା ଆଶଙ୍କା ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ।

ନଦୀବନ୍ଧ ଧସିବାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ଘଟଣାସ୍ଥଳରେ କୌଣସି ବିଭାଗୀୟ ଅଧିକାରୀ ପହଞ୍ଚି ନ ଥିବା ସ୍ଥାନୀୟ ଲୋକଙ୍କୁ ବ୍ୟଥିତ କରିଛି। ବଙ୍ଗୋପସାଗର ମୁହାଣଠାରୁ ୧୫ କି.ମି. ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ଏକ ମାଷ୍ଟରପ୍ଲାନର ଆବଶ୍ୟକତା ଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଯେଉଁଠାରେ ନଦୀବନ୍ଧ ଧସୁଛି, ସେଠାରେ କେବଳ ପଥରପ୍ୟାକିଂ କରି ଦେଇ କାର୍ଯ୍ୟ ସାରି ଦେଉଛନ୍ତି। ମାଷ୍ଟରପ୍ଲାନ ଅନୁସାରେ ନଦୀବନ୍ଧ ନିର୍ମାଣ ହୋଇ ନ ଥିବାରୁ ବାରମ୍ବାର ଧସି ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏବେ ନଦୀବନ୍ଧ ମରାମତି ପାଇଁ ଅର୍ଥର ଆବଶ୍ୟକତା ଥିବାବେଳେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ମରାମତି ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# କଂଗ୍ରେସରେ ମିଶିଲେ ଭାଜପା, ବିଜେଡି କର୍ମୀ



କଂଗ୍ରେସ ନେତାଙ୍କ ସହ ନୂତନ କର୍ମୀ।

ତିହିଡ଼ି,୧୭।୩ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଜାମଯୋଡ଼ି ପଞ୍ଚାୟତର ଦରପୁରଠାରେ କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଅଭିମନ୍ୟୁ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ଓ ଭାଜପା ଛାଡ଼ି ୨୦ ପରିବାର କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସର ବରିଷ୍ଠ ନେତା ଦିଗମ୍ବର ଦାସ, ଯୁବନେତା ସତ୍ୟାନନ୍ଦ ରାଉତ ଓ ଅମିୟ ରଞ୍ଜନ ମହାପାତ୍ର ଦଳରେ ସାମିଲ ହୋଇଥିବା ଲୋକଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଦୁର୍ଯ୍ୟୋଧନ ବାରିକ, ଭଗବାନ ନାୟକ, ସଞ୍ଜୟ ଧଳ, ମନୋଜ ଧଳ, ଗୋପାଳ ମହାକୁଡ଼, ପ୍ରଭାକର ନାୟକ, ପ୍ରଫୁଲ୍ଲ ମଲ୍ଲିକ, ସୂର୍ଯ୍ୟମଣୀ ଦାସ, ନିଲୁ ବିଶ୍ୱାଳ, ବାଇଧର ଦାସ ପ୍ରମୁଖ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସାମିଲ ହୋଇଛନ୍ତି। ପଞ୍ଚାୟତ ସଭାପତି କୈଳାସ ବାରିକ, ସୁଦର୍ଶନ ସ୍ୱାଇଁ, ବସନ୍ତ ନାୟକ, ସୁବାସ ଚନ୍ଦ୍ର ନାୟକ, ପୃଥ୍ୱୀରାଜ ନାୟକ, ଦୀପକ ଭୋଇ, ଶରତ ଧଳ ପ୍ରମୁଖ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୨ ଦିନ ଅନ୍ଧାରରେ, ତାତିଲେ ଲୋକେ



ସରମରା ଗ୍ରାମବାସୀ ଗାଡ଼ି ଅଟକ ରଖିଛନ୍ତି।

ଭଦ୍ରକ,୧୭।୩(ସନାତନ ରାଉତ)

କାଳବୈଶାଖୀ ପ୍ରଭାବରେ ବନ୍ତ ବ୍ଲକର ସରମରା ଗ୍ରାମରେ ଶୁକ୍ରବାର ରାତିରେ ୨ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ତାର ଛିଡ଼ିଯାଇଥିଲା। ଦୁଇଦିନ ବିତିଯାଇଥିଲେ ମଧ୍ୟ ନୂଆ ଖୁଣ୍ଟ ଓ ତାର ଲଗାଯାଇ ନ ଥିବାରୁ ଗାଁ ଲୋକେ ଅନ୍ଧାରରେ ରହିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ବିଦ୍ୟୁତ୍ ବିଭାଗର ଚରମ ଅବହେଳାରୁ ଏପରି ସ୍ଥିତି ଉପୁଜିଥିବା ଅଭିଯୋଗ କରିଛନ୍ତି। ଦୁଇଟି ଖୁଣ୍ଟ ଭାଙ୍ଗି ଥିବାବେଳେ ବିଭାଗର କର୍ମଚାରୀମାନେ ରବିବାର ମଧ୍ୟାହ୍ନରେ ମାତ୍ର ଗୋଟିଏ ଖୁଣ୍ଟ ଧରି ଆସି ପହଞ୍ଚିଥିଲେ। ଏଥିରେ ଗ୍ରାମବାସୀ

**ବିଦ୍ୟୁତ୍ ବିଭାଗ ଗାଡ଼ିକୁ ଅଟକାଇଲେ**

ଉତ୍ତ୍ୟକ୍ତ ହୋଇ ଖୁଣ୍ଟ ନେଇ ଆସିଥିବା ବିଭାଗର ଗାଡ଼ିକୁ ଦୀର୍ଘ ସମୟ ଅଟକ ରଖିଥିଲେ। ସାଙ୍ଗରେ ଆସିଥିବା ସୁପରଭାଇଜର ଆଉ ଗୋଟିଏ ଖୁଣ୍ଟ ନେଇ ଆସିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଗାଡ଼ିକୁ ଛାଡ଼ିଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଖୁଣ୍ଟ ଆସି ନ ଥିବା କିମ୍ବା କୌଣସି ଅଧିକାରୀଙ୍କ ଦେଖା ନ ଥିବାରୁ ସୋମବାର ଗ୍ରାମବାସୀଙ୍କ ପକ୍ଷରୁ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ବିଭାଗର ଅବହେଳା ବିଷୟରେ ଅବଗତ କରିବେ ବୋଲି ଛବୀନ୍ଦ୍ର ବିଶ୍ୱାଳ କହିଛନ୍ତି। ବିଦ୍ୟୁତ୍ ନ ଥିବାରୁ ଗୁଳୁଗୁଳିରେ ହନ୍ତସନ୍ତ ହେଉଥିବା ସେ କହିଛନ୍ତି।

ପ୍ରକାଶଥାଉ କି, ଦୀର୍ଘବର୍ଷ ଧରି ଉକ୍ତ ଗ୍ରାମର ବିଦ୍ୟୁତ୍ ଖୁଣ୍ଟ ଓ ତାର ବଦଳା ଯାଉ ନ ଥିବାରୁ ଲୋ ଭୋଲ୍‌ଟେଜ ସମସ୍ୟା ସହ ଅଧିକାଂଶ ସମୟରେ ସେବା ବ୍ୟାହତ ହେଉଛି। ଏନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଟିପିଏନ୍‌ଓଡିଏଲ୍‌ର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ ପାଢ଼ୀଙ୍କୁ ପଚାରିବାରୁ ଘଟଣା ବିଷୟରେ ଜାଣି ନ ଥିଲେ, ଏବେ ଜାଣିବା ପରେ ଖୁବ୍‌ଶୀଘ୍ର ବିଦ୍ୟୁତ୍ ଖୁଣ୍ଟ ଓ ତାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା

#### ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଧାମନଗର, ୧୭।୩ (ଦେବେନ୍ଦ୍ର ଆଦିଆ)–ଧାମନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ବିଭିନ୍ନ ବିଭାଗ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା ସହ ଔଷଧ ପ୍ରଦାନ କରାଯାଇଛି। ଏହି ଅବସରରେ ଡା. ଅଜିତ ଜେନା, ପ୍ରେମାନନ୍ଦ ପଟ୍ଟନାୟକ ଓ ମୁସ୍ତାଫିଜ ଅହେମ୍ମଦଙ୍କୁ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଉପସଭାପତି ଅନୀଲ ବାରିକ, ସଦସ୍ୟ ସୁରଥ ଚନ୍ଦ୍ର ସେଠୀ, ଅଭିମନ୍ୟୁ ମଲ୍ଲିକ, ମହେଶ୍ୱର ସ୍ୱାଇଁ, ପୁରୁଷୋତ୍ତମ ଧଳ, ନିରାକାର ଧଳ, ଶ୍ୟାମସୁନ୍ଦର ବାରିକ, ଦଶରଥ ଦାଶ, ରାମଚନ୍ଦ୍ର ସାହୁ, ସେକ୍ ଅବଦୁଲ ହକିମ, ହବିବୁର ରହେମାନ ପ୍ରମୁଖ ସହଯୋଗ କରିଥିଲେ।

### ଭାରତୀୟ ଜୀବନ ବୀମା ନିଗମ ଅଭିକର୍ତ୍ତାଙ୍କ ପରଲୋକ

ବନ୍ତ,୧୭।୩(ହରି ନାରାୟଣ ମହାନ୍ତି)– ଭାରତୀୟ ଜୀବନ ବୀମା ନିଗମ ଭଦ୍ରକ ଶାଖାର ଅଭିକର୍ତ୍ତା ବନ୍ତ ବ୍ଲକ ସେଣ୍ଟତୀରା ପଞ୍ଚାୟତ କୁମ୍ଭରିଆ ଗ୍ରାମର ମଦନ ମୋହନ ଜେନା(୫୩)ଙ୍କ ରବିବାର ପରଲୋକ ହୋଇଛି। ଭୋର ସମୟରେ ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୩୦ବର୍ଷ ଧରି ଭାରତୀୟ ଜୀବନ ବୀମା, ଭଦ୍ରକ ଶାଖାରେ ଅଭିକର୍ତ୍ତା ଭାବେ କାର୍ଯ୍ୟ କରି ଏବେ ଚେୟାରମ୍ୟାନ କ୍ଲବ ମେମ୍ବର ଥିଲେ। ତାଙ୍କ ମରଶରୀର ନିଳୋକ ବଜାରରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ଗ୍ରାମକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ।

# ୧୨୦ ଶିକ୍ଷାର୍ଥୀଙ୍କୁ ଟାଏକୋଣ୍ଡୋ କଲର୍ ବେଲ୍ଟ



କଲର ବେଲ୍ଟ ପରୀକ୍ଷାରେ ଭାଗ ନେଇଥିବା ଶିକ୍ଷାର୍ଥୀ।

ଭଦ୍ରକ,୧୭।୩(ସନାତନ ରାଉତ)

ଚରମ୍ପାସ୍ଥିତ ହାପିହୋମ୍ ସ୍କୁଲ ପରିସରରେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଭଦ୍ରକ ଆନୁକୂଲ୍ୟରେ ରବିବାର ବାର୍ଷିକ କଲର୍ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୋଟ ୧୫୦ ଶିକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇଥିବା ୧୨୦ଜଣଙ୍କୁ କଲର୍ ବେଲ୍ଟ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ପରୀକ୍ଷକ ଭାବେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷା ସଂଘମିତ୍ରା ନନ୍ଦିନୀ ଦାସ, ସଦସ୍ୟ ବିଦ୍ୟାଧର ବାରିକ, ବିଶାଲ୍ ଗୋପାଲ୍ ଲଖାନୀ, ଅଜୟ କୁମାର ଧଳ, ସୁରେଶ ଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ। ଓଡ଼ିଶା ଆସୋସିଏଶନର କାର୍ଯ୍ୟକାରୀ ସଭାପତି ପ୍ରଫେସର ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଯତିକାନ୍ତ ନାୟକ, ତାଓ ସଦସ୍ୟ ଆଇନଜୀବୀ ପବନ କୁମାର ଶର୍ମା, ଜ୍ୟୋତି କନଭେଟ୍ ସ୍କୁଲର ଅଧ୍ୟକ୍ଷ ଫାଦର୍ ଆଲେକ୍ସ, ହାପିହୋମ୍ ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ପ୍ରଜ୍ଞା ପରମିତା ପଲାଇ, ଅଧ୍ୟାପିକା ଶାଳିନୀ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ଆସୋସିଏଶନର ସାଧାରଣ ସମ୍ପାଦକ ସଂଗ୍ରାମ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବ୍ଲାକ୍‌ବେଲ୍ଟ ମର୍ଯ୍ୟାଦାପ୍ରାପ୍ତ ରେଫରୀ ଓ କୋଚ୍ ତାରିଣୀ ସାହୁ, ଧନେଶ୍ୱର ଜେନା, ସୁରେଶ କୁମାର ନାୟକ, ହରିହର ବାରିକ, ବାଣୀ ପ୍ରସନ୍ନ ପାଣିଗ୍ରାହୀ, ବିବେକ କୁମାର ବେହେରା, ସେକ୍ ସର୍ମୀ, ଦେବାଶିଷ ପହୀ, ଆଶୁତୋଷ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ମାତୃଭାଷା ଆମକୁ ପରିଚୟ ଦିଏ

ଭଦ୍ରକ, ୧୭।୩(ରବିନାରାୟଣ ଖିଲାର)

ମାତୃଭାଷା ଆମକୁ ପରିଚୟ ଦେଇଥାଏ। ମା’ ଓ ମାତୃଭୂମି ସହ ଅତ୍ମୀୟତା ଭାବେ ଜଡ଼ିତ ଆମ ମାତୃଭାଷା ସ୍ଥିତିକୁ ବଞ୍ଚାଇ ରଖିବା ଉଚିତ ବୋଲି ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ୨୯ତମ ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଭାପତି ବରିଷ୍ଠ ଆଇନଜୀବୀ ନିରାକାର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ପଣ୍ଡିତ ଦୟାନିଧି ମିଶ୍ର ମୁଖ୍ୟବକ୍ତା, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ଶାନ୍ତନୁ କୁମାର ରାଉତ ଓ ଆବାହକ ସମ୍ପାଦକ ବାବୁଲାଲ ଦାସ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ କୁଳମଣି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖବରଦାତା ତପନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କବି ନାରାୟଣ ପ୍ରଧାନ ଓ ପଦ୍ମଲୋଚନ ମହାକୁଡ଼ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମୁଖପତ୍ର ‘ଶାନ୍ତିଧାରା’ ଉନ୍ମୋଚିତ ହୋଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠ କରାଯାଇଥିଲା। ପ୍ରାକ୍ତନ ଅଧ୍ୟକ୍ଷ ଅବନୀ ପ୍ରଧାନ, ସାହିତ୍ୟ ସଂସ୍କୃତି ମଞ୍ଚର ଉପସଭାପତି ଶରତ ମହାନ୍ତି, କବୟିତ୍ରୀ ଜାନକୀ ପାଢ଼ୀ, ମନୋରମା ରାୟ ଓ ସଂଯୁକ୍ତା ବଳ ସଂଯୋଜନା କରିଥିଲେ। ଶିକ୍ଷାବିତ ଶାନ୍ତନୁ ରାଉତ ଓ ଖବରଦାତାଙ୍କୁ ‘ମହୋତ୍ସବ ମାନବ’ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ପ୍ରଶିକ୍ଷଣ କେନ୍ଦ୍ରରେ ଜିଲାପାଳଙ୍କ ତଦାରଖ



ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବି ହାଇସ୍କୁଲ ପ୍ରଶିକ୍ଷଣ କେନ୍ଦ୍ରରେ ତଦାରଖ କରୁଛନ୍ତି।

ବାସୁଦେବପୁର,୧୭।୩
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଏବି ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ ରବିବାର ଶେଷ ହୋଇଛି। ଶେଷଦିନରେ ମୋଟ ୩୩୦ଜଣ ପୋଲିଂ ଅଫିସର ତାଲିମ ନେଇଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବି ହାଇସ୍କୁଲରେ ପହଞ୍ଚି ନିର୍ବାଚନ ତାଲିମ୍ ତଦାରଖ କରିଥିଲେ। ବିଡିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ପଣ୍ଡା ପ୍ରମୁଖ ଜିଲାପାଳଙ୍କ ସହ ଉପସ୍ଥିତ ଥିଲେ।

# ‘ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ’

ଭଦ୍ରକ,୧୭।୩(ସନାତନ ରାଉତ)

ଅବାଧ, ମୁକ୍ତ, ନିରପେକ୍ଷ, ହିଂସାମୁକ୍ତ, ସ୍ୱଚ୍ଛ ନିର୍ବାଚନ ପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧି, ରାଜନୈତିକ ଦଳର କର୍ମକର୍ତ୍ତା, ପ୍ରାର୍ଥୀମାନଙ୍କର ଜିଲା ପ୍ରଶାସନକୁ ସହଯୋଗ ଏକାନ୍ତ ଆବଶ୍ୟକ। ସାଧାରଣ ନିର୍ବାଚନ ପାଇଁ ରବିବାର ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି। ଜିଲାରେ ଜୁନ୍ ୧ରେ ଭୋଟଗ୍ରହଣ। ମେ ୭ରେ ନୋଟିଫିକେଶନ, ୭ରୁ ୧୪ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ୧୫ରେ ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ମେ ୧୭ ଥିବା ନେଇ ଜିଲାପାଳ ସୂଚନା ଦେଇଥିଲେ।

୧୫ ଫ୍ଲାଇଂସ୍କ୍ୱାଡ୍ ଚଳିତମାସ ୧୬ ତାରିଖଠାରୁ କାମ ଆରମ୍ଭ କରିଛନ୍ତି। ଡିସ୍‌ପର୍‌ସାଲ ଓ ଗଣତି ପାଇଁ ୪ ନିର୍ବାଚନମଣ୍ଡଳୀ ନିମନ୍ତେ ଭଦ୍ରକ କଲେଜ ଓ କେବଳ ଧାମନଗର ଲାଗି ଜିଲା କାର୍ଯ୍ୟାଳୟ ପରିସରରେ ଆୟୋଜନ ବ୍ୟବସ୍ଥା କରାଯାଉଛି। ୧୩୦୯ ବୁଥ୍‌ରୁ ୬୦ ପ୍ରତିଶତ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ରହିବ। ପ୍ରଚାର, ଶୋଭାଯାତ୍ରା, ସଭା ହେବାକୁ ଥିବା ପଡ଼ିଆ, ଡାକବାଜି ଯନ୍ତ୍ର, ଯାନ ଆଦି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିବେ। କୌଣସି ଧାର୍ମିକ ପୀଠରେ ସଭା ସମିତି ନିଷେଧ। ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ପ୍ରଚାର ବନ୍ଦ ରହିବ। ଗଣମାଧ୍ୟମ ଉପରେ କଡ଼ା ନଜର ରଖାଯିବ। ଦୁରୁପଯୋଗକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ସମ୍ବିତ୍ କୁମାର ଗଡ଼ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଡେପୁଟୀ କଲେକ୍ଟର(ନିର୍ବାଚନ) ସାଗରିକା ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅନ୍ୟ ଅଧିକାରୀମାନେ।

# ଦେଶ ମାତୃକାର ସେବା କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ



ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଚାନ୍ଦବାଲି, ୧୭।୩ (କିଷାନ ପାତ୍ର)

ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲର ୧୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ ସୁଧୀର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିସିଇଟିର ଅଧ୍ୟକ୍ଷ ଇଂ. ରବୀନ୍ଦ୍ର ଜେନା, ମୁଖ୍ୟବକ୍ତା ପଣ୍ଡିତ ଦୈତାରୀ ମହାପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଇଂ. ଅଭୟ ସୂତାର ଯୋଗଦେଇ ଜ୍ଞାନ ଆହରଣ କରି ମେଧାବୀ ହେବା ସହ ଦେଶ ମାତୃକାର ସେବାରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ର ରୁଦ୍ରନାରାୟଣ ଓଝା ଓ ଛାତ୍ରୀ ଐଶ୍ୱର୍ଯ୍ୟା ରାଉତ ସଭା ସଂଯୋଜନା କରିଥିବା ବେଳେ ସୌମ୍ୟା ପ୍ରକାଶିନୀ ସାହୁ ଓ ଇପ୍ସିତା ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟକ୍ଷ ସେକ୍ ମହମ୍ମଦ ଏରସାଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀ ଊର୍ମି ଉପାସନା ଭୂୟାଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୯ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୟୂରଭଞ୍ଜରେ ୧୯ ଲକ୍ଷ ୩୧ ହଜାର ୭୦୫ ଭୋଟର

**ବାରିପଦା, ୧୭।୩**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ-୨୦୨୪କୁ ସୂଚାରୁ ରୂପେ ଆୟୋଜନ କରି ଏହାର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ପରତା ଦେଖାଇଛି। ଏହି ପରିପ୍ରେକ୍ଷୀରେ ଜିଲାରେ ନିର୍ବାଚନ ପରିଚାଳନା ଓ ଆଦର୍ଶ ଆଚରଣ ବିଧିର ଅନୁପାଳନ ସଂକ୍ରାନ୍ତରେ ମୟୂରଭଞ୍ଜ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ, ମୟୂରଭଞ୍ଜରେ କରଞ୍ଜିଆ ବିଧାନସଭା ପାଇଁ ଷଷ୍ଠ ପର୍ଯ୍ୟାୟରେ ଏବଂ ଅନ୍ୟ ବିଧାନସଭା ପାଇଁ ୭ମ ପର୍ଯ୍ୟାୟରେ ନିର୍ବାଚନ ଆୟୋଜନ କରାଯିବ। ଜିଲାସ୍ତରରେ ଖର୍ଚ୍ଚ ମନିଟରିଂ ପାଇଁ ବ୍ୟବସ୍ଥା, ଜିଲାସ୍ତରୀୟ ମିଡିଆ ସାର୍ଟିଫିକେଟ ଏବଂ ମନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ବ୍ୟବହୃତ ନାଗରିକ / ପ୍ରାର୍ଥୀ କେନ୍ଦ୍ରିକ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଗୁଡ଼ିକ ଯଥା ସି-ଭିଜିଲ ଆପ, ସୁବିଧା ପୋର୍ଟାଲ, ପ୍ରାର୍ଥୀ ଆଫିଡେଭିଟ ପୋର୍ଟାଲ, ଭୋଟର ସେବା ପୋର୍ଟାଲ, ଭୋଟର ହେଲପଲାଇନ ଏବଂ ସକ୍ଷମ ଆପ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ଏଥିସହ ଜିଲାରେ ମତଦାତା ସଂଖ୍ୟା ୧୯ ଲକ୍ଷ ୩୧ ହଜାର ୭୦୫ ରହିଥିବା ବେଳେ ସେଥି ମଧ୍ୟରୁ ୨୬ ହଜାର ୮୨୪ ଶାରୀରିକ ଦିବ୍ୟାଙ୍ଗ, ନୂତନ ଭୋଟର ୩୮ ହଜାର ୭୫୭ ଏବଂ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ୧୫ ହଜାର ୬୨୯ ଭୋଟର ରହିଛନ୍ତି। ସେହିପରି ଭାବରେ ଜିଲାରେ ୯ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୮ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ଣ୍ଣିଂ ଅଫିସର ଭାବେ ନିୟୋଜିତ ହୋଇଛନ୍ତି। ଜିଲାରେ ସଖୀ ବୁଥ ୪୨୪, ଯୁବ ବୁଥ ୮୦, ମିଶ୍ରିତ ବୁଥ ୭୦୦, ଭିନ୍ନକ୍ଷମ ବୁଥ ୯, ସମସ୍ତ ପୁରୁଷ ବୁଥ୍ ୧୧୫୫ ସମେତ ୨୩୬୮ଟି ବୁଥ୍‌ରେ ମତଦାନ ହେବ ବୋଲି ଜିଲା ନିର୍ବାଚନ ଅଧିକାରୀ କହିଥିଲେ। ସମ୍ମିଳନୀରେ ଜିଲା ଆରକ୍ଷୀ ଅଧିକ୍ଷିକା ଏସ ସୁଶ୍ରୀ, ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ବାରିପଦା ଉପ ଜିଲାପାଳ ଇଶ୍ୱର ଚନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଡେପୁଟି କଲେକ୍ଟର ଇଲେକ୍ସନ ଦୁର୍ଗାଚରଣ ମୁର୍ମୁ, ଡେପୁଟି କଲେକ୍ଟର, ଶୁଭଙ୍କରୀ ସୁଦେଷ୍ଣା ଦାଶ ଓ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଜିଲା ସଦର ମହକୁମାର ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ମରାମତି ପାଇଁ ଅର୍ଥ ମଞ୍ଜୁର
### କାଳବୈଶାଖୀରେ ସ୍କୁଲ ଟିଣ ଉଡ଼ିବା ଘଟଣା

ହାଟଡ଼ିହୀ, ୧୭।୩(ପାର୍ଥ ସୌରଭ ସା): କାଳବୈଶାଖୀ ଯୋଗୁ ହାଟଡ଼ିହୀ ବ୍ଲକ୍ କଇଥଗଡ଼ିଆସ୍ଥିତ ବାଞ୍ଛାନିଧି ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଟିଣ ଛପର ଉଡ଼ିଯାଇଥିଲା। ବିଡ଼ିଓ ଅନୁଧ୍ୟାନ କରି ମରାମତି ପାଇଁ ପଦକ୍ଷେପ ଗ୍ରହଣ କରିଥିଲା ଜଣାପଡ଼ିଛି। ବୁଧବାର ଝଡ ପବନ ହେବାରୁ ମାସେ ତଳେ ନିର୍ମାଣ ସରିଥିବା ଶ୍ରେଣୀଗୃହର ଛାତ ଉଡ଼ିଯାଇଥିଲା। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ଗୁରୁବାର ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ଜେନା ଓ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୧୩ ଲକ୍ଷ ୩୭ ହଜାର ଟଙ୍କାର ଏଷ୍ଟିମେଟ୍ ପ୍ରସ୍ତୁତ କରି ଜିଲା କାର୍ଯ୍ୟାଳୟକୁ ଅନୁମୋଦନ ପାଇଁ ପଠାଇଥିଲେ। ଅନୁମୋଦନ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଥିବା ବିଡ଼ିଓ କହିଛନ୍ତି।

# ଭୋଟରଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ

**ବାରିପଦା, ୧୭।୩**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

**ରାଜନୈତିକ ଦଳ ସହ ନିର୍ବାଚନ ଅଧିକାରୀଙ୍କ ବୈଠକ**

ମୟୂରଭଞ୍ଜ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସାଧାରଣ ନିର୍ବାଚନ ୨୦୨୪କୁ ନେଇ ରାଜନୈତିକ ଦଳଗୁଡ଼ିକ ସହିତ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳ ଗୁଡ଼ିକର ପ୍ରତିନିଧିଙ୍କ ସମେତ ଆରକ୍ଷୀ ଅଧିକ୍ଷିକା ଏସ୍ ସୁଶ୍ରୀ, ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ବାରିପଦା ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଜିଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ। ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ଏହାବ୍ୟତୀତ, ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସହଯୋଗର ମନୋଭାବକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତଙ୍କର ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ବୈଠକରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଗଠନମୂଳକ ଯୋଗଦାନ ଦେଇଥିବାରୁ ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନର ବିଭିନ୍ନ ଦିଗ ଯଥା କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ନିର୍ବାଚନରେ ହେଉଥିବା ଅନିୟମିତତାକୁ ରୋକିବା ଉପରେ ଆଲୋଚନା ହୋଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ପୋଲିସର ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଓ ସାଧାରଣ ସଭା ଆୟୋଜନ କରିବା ଏବଂ କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ବେଆଇନ ଘଟଣାକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ପ୍ରକାଶ କରିଥିଲେ। ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

**ସଂକ୍ଷେପରେ**

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, ୧୭।୩(ମାନସ ବିଶ୍ୱାଳ)- ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆରଡିଓ ପରିସରସ୍ଥ ଏନ୍‌ଡିଏଚ୍ ତଥା ବିଭାଗୀୟ ଚିକିତ୍ସାଳୟ ପରିସରରେ ରବିବାର ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ତଥା ଔଷଧ ବିତରଣ ଶିବିର ଆୟୋଜିତ ହୋଇଯାଇଛି। ସମାଜର ନିଷ୍ପେସିତ, ଅବହେଳିତ ବର୍ଗଙ୍କ ଉତ୍‌ଥାନ ପାଇଁ କାର୍ଯ୍ୟରତ ବେସରକାରୀ ସଂଗଠନ 'ଆସ୍ଥା'ର ସହଭାଗିତାରେ ପିଏକ୍ସଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଶିବିର ଅନୁଷ୍ଠିତ ହୋଇଥିଲା। ପିଏକ୍ସଇର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ, ବୈଜ୍ଞାନିକ-ଜିଙ୍କ କରକମଳରେ ବିଭିନ୍ନ ବିଭାଗର ଅଭିଜ୍ଞ ଚିକିତ୍ସକଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମନୋରଞ୍ଜନ ମଲ୍ଲିକ, ଫୁସଫୁସ ତଥା ଶ୍ୱାସନଳୀ ବିଶେଷଜ୍ଞ ଡା. ଗୌତମ କୁମାର ପରମାଣିକ, ମାନସିକ ରୋଗ ବିଶେଷଜ୍ଞ ଡା. ପ୍ରଦିପ କୁମାର ନାୟକ ଓ ଚର୍ମ ରୋଗ ବିଶେଷଜ୍ଞ ଡା. ବିନାୟକ ଦ୍ୱାରି ପ୍ରମୁଖ ଅଭିଜ୍ଞ ଚିକିତ୍ସକମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ପ୍ରଦାନ କରିଥିଲେ। ଶିବିରରେ ସେନା, ସିଭିଲିୟନ୍ କର୍ମଚାରୀଙ୍କ ପରିବାର, ଅବସରପ୍ରାପ୍ତ କର୍ମଚାରୀ ତଥା ନିକଟସ୍ଥ ଗ୍ରାମର ଗ୍ରାମବାସୀମାନେ ଯୋଗଦେଇ ଡାକ୍ତରଙ୍କ ପରାମର୍ଶ କ୍ରମେ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଆବଶ୍ୟକୀୟ ଔଷଧ ଗ୍ରହଣ କରିଥିଲେ।

## ୩୨ ୟୁନିଟ ସଂଗ୍ରହ

ଜଳେଶ୍ୱର, ୧୭।୩(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକ ଅଧୀନ ୬୦ନଂ. ଜାତୀୟ ରାଜପଥ ଅନତୀଦୂରରେ ଆଶିର୍ବାଦ ନର୍ସିଂହୋମ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ନର୍ସିଂହୋମର ମୁଖ୍ୟ ଚନ୍ଦନ ବାଗଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଡା. ପ୍ରତୀକ ରାଜ, ସତ୍ୟରଞ୍ଜନ ପତି ଅତିଥିଭାବେ ଯୋଗ ଦେଇଥିଲେ। ବିଜୟ ପଟ୍ଟନାୟକ ଓ ପଲ୍ଲଭି ମହାପାତ୍ର ରକ୍ତ ସଂଗ୍ରହ କରିଥିବା ବେଳେ ୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରୁମା ମାଇତି ବାଗ, ନନ୍ଦନ ବାଗ, ସୁଜାତା କର, ସାବିତ୍ରୀ ପାତ୍ର, ରଶ୍ମିତା ମାନ୍ନା, ଗୌରଙ୍ଗ ଚାନ୍ଦ ପ୍ରମୁଖ ପରିଚଳନା କରିଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥକୁ ସ୍ୱାଗତ

**ଉଦଳା, ୧୭।୩**
**(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲାର କପ୍ତିପଦା ଏବଂ ଉଦଳାଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ବାହାରିଥିବା ୮ମ ବାର୍ଷିକ ସାଂସ୍କୃତିକ ଜାଗରଣ ଯାତ୍ରା ଓ ଏହି ରଥ ସମଗ୍ର ମୟୂରଭଞ୍ଜ ଜିଲା ପରିକ୍ରମା ପରେ ଶନିବାର ସନ୍ଧ୍ୟାରେ କପ୍ତିପଦାଠାରେ ପହଞ୍ଚିଥିଲା। କପ୍ତିପଦାର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ସେହିଭଳି ଉଦଳାରେ ପହଞ୍ଚିବା ପରେ ସାମ୍ବାଦିକ ସଂଘ ଏବଂ ଆମେ ଭଞ୍ଜ କଳାକାର କ୍ଲବ ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ଥାନୀୟ ଥାନାଛକ ନିକଟରେ ରଥକୁ ସ୍ୱାଗତ ଜଣାଇଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଉଦଳା ବାସନ୍ତୀ ମଣ୍ଡପ ଛକଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଏହି ରଥ ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ବରିଷ୍ଠ ନାଗରିକ ସୁଦର୍ଶନ ଦାସ, ଖବରଦାତା ଦିନବନ୍ଧୁ ବାରିକ, ଶଶିକାନ୍ତ ମିଶ୍ର, ସର୍ବେଶ୍ୱର ମହାପାତ୍ରଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

**ଖୁଣ୍ଟା, (ଦେବରଞ୍ଜନ ବେହେରା)**-ବଲାଙ୍ଗୀ ମହୋତ୍ସବ ପରିଚାଳନା କମିଟି ପକ୍ଷରୁ ଜିଲାବ୍ୟାପୀ ପରିକ୍ରମା କରୁଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜ୍ୟୋତିରଥ ରବିବାର ଖୁଣ୍ଟାଠାରେ ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ସାନଖୁଣ୍ଟା ପଞ୍ଚାୟତରେ ସ୍ୱଳ୍ପକାଳୀନ ରହଣୀ ଅବସରରେ ଖବରଦାତା ତପନ ମହାନ୍ତିଙ୍କ ନେତୃତ୍ୱରେ ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନନ୍ଦକିଶୋର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦେବରଞ୍ଜନ ବେହେରାଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ଲୋକ ଉପସ୍ଥିତ ରହି ଜ୍ୟୋତିରଥକୁ ସ୍ୱାଗତ ଜଣାଇଥିଲେ। ବଲାଙ୍ଗୀ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାଏକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାଏକ ଏହି ରଥ ପରିକ୍ରମାର ଆଭିମୁଖ୍ୟ ସମ୍ପର୍କରେ ଜନସାଧାରଣଙ୍କୁ କହିଥିଲେ। ପରେ ରଥ ବଡ଼ସାହି ବ୍ଲକ ଅଭିମୁଖେ ଯାତ୍ରା କରିଥିଲା।

**ବେତନଟୀ, (ଧରଣୀଧର ମହାନ୍ତି)**-ବାରିପଦାରୁ ବାହାରିଥିବା ବଲାଙ୍ଗୀ ମହୋତ୍ସବ କମିଟିର ଅଷ୍ଟମ ବାର୍ଷିକ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ରବିବାର ମଧ୍ୟାହ୍ନରେ ବେତନଟୀରେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବେତନଟୀ ବ୍ଲକ ଖବରଦାତା ସଂଘର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନାରେ ପ୍ରଥମେ ରଥକୁ ବଜାର ପରିକ୍ରମା କରାଯାଇ ବେତନଟୀ ଡାକବଙ୍ଗଳାଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଖବରଦାତା ସଂଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତିଙ୍କ ସ୍ମୃତିଚାରଣ କରାଯାଇଥିଲା। ଉପଦେଷ୍ଟା ଅଜୟ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ଗତିକୃଷ୍ଣ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ଭାବେ ବଲାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ନାୟକ, ଅଧ୍ୟକ୍ଷ ଅରବିନ୍ଦ ଦାସ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଲାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ବଲାଙ୍ଗୀ ସେନା ଉଦୟନାଥ ଜେନା, ଇନ୍ଦୁମତୀ ମହାନ୍ତି, କଇଁଫୁଲ ପତ୍ରିକାର ସମ୍ପାଦକ ପର୍ଶୁରାମ ସାହୁ, ଶିକ୍ଷକ ଦୀପକ ପାତ୍ର, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ବାରିକ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ମାଟିର କଳା, ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଭାଜପା ମଣ୍ଡଳ ସଭାପତି ରାଜକିଶୋର ଶାହା, ଓକିଲ ସଂଘ ସମ୍ପାଦକ ପ୍ରବୀର ବାରିକ, ଖବରଦାତା ସଂଘର କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମହାନ୍ତ, ଏମ୍‌ପିସି ହାଇସ୍କୁଲ ପରିଚାଳନା କମିଟି ସଭାପତି ତପନ ପରିଡ଼ା, ପଦ୍ମମାଳୀ ମହିଳା ସଙ୍ଗଠନର ଅନିତା ସାହୁ, ମନୋରମା ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ବେତନଟୀରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଜ୍ୟୋତି ରଥ ସହ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

# ଠାକୁରମୁଣ୍ଡା ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତାମାନେ।

**ଠାକୁରମୁଣ୍ଡା, ୧୭।୩**
**(ତାରାକାନ୍ତ ପଟ୍ଟନାୟକ)**

ଠାକୁରମୁଣ୍ଡା ବ୍ଲକ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଲୋକସଭା କ୍ଷେତ୍ରର ପୂର୍ବତନ ଏମ୍‌ପି ଅନନ୍ତ ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୟୂରଭଞ୍ଜ ପଶ୍ଚିମ ରାଇରଙ୍ଗପୁର ସାଙ୍ଗଠନିକ ଜିଲା ସଭାପତି କୃପାସିନ୍ଧୁ ମହାନ୍ତ, ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ମହୁଲଡ଼ିହା ମଣ୍ଡଳ ସଭପତି ଜଗଦୀଶ ମହାନ୍ତ, ଜିଲା ସାଧାରଣ ସମ୍ପାଦକ ଆଶିଷ ମହାନ୍ତ, ଜିଲା ଉପସଭାପତି ଜନାର୍ଦ୍ଦନ ବେହେରା, ସମ୍ପାଦକ ବିମଳ ସେନାପତି, ସମ୍ପାଦିକା ସୁନାମଣି ହୋ, ପୂର୍ବତନ ବିଧାୟକ ପଦ୍ମଚରଣ ହାଇବ୍ରୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଯୁଗଳ ନାୟକ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ଯୋଗେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମିଳନୀରେ ଠାକୁରମୁଣ୍ଡା ବ୍ଲକ ଅଧୀନ ୧୮ଟି ଶକ୍ତି କେନ୍ଦ୍ରର ବୁଥ ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ ଓ ସହ ପ୍ରମୁଖ ଏବଂ ମଣ୍ଡଳ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୁଥସ୍ତରକୁ ସକ୍ରିୟ କରିବା ସହିତ ମୋଦି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନାଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବାକୁ ପୂର୍ବତନ ଏମ୍‌ପି ନାୟକ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ଲାଭାର୍ଥୀମାନଙ୍କ ନିକଟରେ ପହଞ୍ଚି ଦଳ ପକ୍ଷରୁ ଜାରି ହୋଇଥିବା ଟୋଲ ଫ୍ରି ନମ୍ବରରେ କଲ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି କୃପାସିନ୍ଧୁ ମହାନ୍ତ ୨ ମଣ୍ଡଳରେ ଥିବା ବୁଥ୍ କମିଟି ଓ ଶକ୍ତି କେନ୍ଦ୍ର କାର୍ଯ୍ୟକର୍ତ୍ତାମାନଙ୍କୁ ସକ୍ରିୟ କରି ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ପ୍ରାୟ ୩୦୦ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କୃଷି କ୍ଷେତ୍ରରେ ଡ୍ରୋନ ବ୍ୟବହାର ପ୍ରଦର୍ଶନୀ

**ସିମୁଳିଆ, ୧୭।୩(ସନ୍ତୋଷ ନାୟକ)**

ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଲାଭ ଉଦ୍ଦେଶ୍ୟରେ 'କୃଷି କ୍ଷେତ୍ରରେ ଡ୍ରୋନ ବ୍ୟବହାର ପ୍ରଦର୍ଶନୀ' କରାଯାଇଛି। ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ଓ କେନ୍ଦ୍ରୀୟ କୃଷିଜୀବୀ ମହିଳା ସଂସ୍ଥାନଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଦର୍ଶନୀ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ସମେତ ସିମୁଳିଆ ବ୍ଲକର ପୁରୁଷୋତ୍ତମପୁର ଓ ମଇତାପୁରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଭଦ୍ରକ ଜିଲାରୁ ୧୫୦ଜଣ, ପୁରୁଷୋତ୍ତମପୁରରେ ୧୩୦ ଓ ମଇତାପୁରରେ ୨୭୦ଜଣ କୃଷକ ଓ କୃଷିଜୀବୀ ମହିଳା ଯୋଗ ଦେଇଥିଲେ। କେନ୍ଦ୍ରୀୟ କୃଷିଜୀବୀ ମହିଳା ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଡ. ପ୍ରଣବ ଝାଙ୍କର ଡ୍ରୋନ୍ ବ୍ୟବହାର ଦ୍ୱାରା ସ୍ୱାବଲମ୍ବୀ ହେବା ଉପରେ ସୂଚନା ଦେଇଥିଲେ। ସେହିପରି ବୈଜ୍ଞାନିକ ଡ. ନିତିଶ କୁମାର ଡ୍ରୋନ ବ୍ୟବହାର କରି ସାତ ମିନିଟ୍‌ରେ ଏକ ଏକର ଜମିରେ ଔଷଧ ପ୍ରୟୋଗ ଦ୍ୱାରା ଖର୍ଚ୍ଚ ଓ ସମୟ ବଞ୍ଚାଇବା ସମ୍ପର୍କରେ ସୂଚନା ଦେଇଥିଲେ। ଭଦ୍ରକ ଜିଲାର ମୁଖ୍ୟ କୃଷି ଅଧିକାରୀ ନାରାୟଣ ଉପାଧ୍ୟାୟ, ଜିଲା କୃଷି ଅଧିକାରୀ ଶ୍ରୀଧର ଦାଶ, ଉଦ୍ୟାନ କୃଷି ଅଧିକାରୀ ବିନୋଦ କୁମାର ଜେନା ପ୍ରମୁଖ ଡ୍ରୋନ ବ୍ୟବହାରରେ ସରକାରଙ୍କ ସହାୟତା ଓ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଖଇରା ଓ ସିମୁଳିଆ ବ୍ଲକରେ କୃଷିର ଉନ୍ନତି ପାଇଁ କାର୍ଯ୍ୟକରୁଥିବା ପଲ୍ଲିପ୍ରଗତୀ କୃଷକ ମଞ୍ଚର ସଭାପତି ଗଜେନ୍ଦ୍ର ପ୍ରସାଦ ବେହେରା, ଏପିଓ, ମିଶନଶକ୍ତିର ସଭ୍ୟା ମାନଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଉପସ୍ଥିତ ଥିଲେ।

# 'ଅସଙ୍ଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଦେବାରେ ସରକାର ବିଫଳ'

**ବାଲେଶ୍ୱର ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ**

**ବାଲେଶ୍ୱର, ୧୭।୩(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା କଂଗ୍ରେସ ଭବନରେ ଜିଲା କଂଗ୍ରେସ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ରାଜ୍ୟ ଅଣ ସଙ୍ଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସର ଅଧ୍ୟକ୍ଷ ବିଦ୍ୟାଧର ମହ'ନ୍ତି ଯୋଗଦେଇ ରାଜ୍ୟ ସରକାର ଅଣ ସଙ୍ଗଠିତ ଶ୍ରମିକ ଓ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅନ୍ୟ ରାଜ୍ୟର ସରକାର ଅଣ ସଙ୍ଗଠିତ ଶ୍ରମିକଙ୍କ କଲ୍ୟାଣ ପାଇଁ କଲ୍ୟାଣ ବୋର୍ଡ ଗଠନ କରିଥିଲା ବେଳେ ନବୀନ ସରକାର କଲ୍ୟାଣ ବୋର୍ଡ ଗଠନ କରିବାରେ ଜାଣି ଶୁଣି କାଳ କ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି ବୋଲି କହିଥିଲେ। ନିର୍ବାଚନ ଋତୁ ଆସିବା ବେଳେ ତରବରିଆ ଭାବେ ସରକାର ଅଣ କୁଶଳୀ ଶ୍ରମିକଙ୍କ ମଜୁରୀ ୪୫୦ଟଙ୍କାକୁ ବୃଦ୍ଧି କରିଛନ୍ତି ଯାହା ଶିଳ୍ପପତିମାନଙ୍କୁ ସୁହାଇବ। ମାତ୍ର ଅଣ ସଂଗଠିତ ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି ଘୋଷଣା ସରକାର କଲେ ନାହିଁ। ଜିଲାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ହଜାର ହଜାର କ୍ଷୁଦ୍ର ଓ ମଧ୍ୟମ ଧରଣ ଶିଳ୍ପ ପ୍ରତିଷ୍ଠା ହୋଇଥିଲା ବେଳେ ବିଗତ ୨୪ ବର୍ଷ ମଧ୍ୟରେ ଜିଲାରେ ଗୋଟିଏ ଛୁଞ୍ଚି କାରଖାନାଟିଏ ମଧ୍ୟ ପ୍ରତିଷ୍ଠା ହୋଇପାରିନାହିଁ। ଫଳରେ ହଜାର ହଜାର ଶିଳ୍ପରେ ଆଜି ତାଲା ଝୁଲୁଥିବା ବେଳେ ସରକାର ଏ ଦିଗରେ ଆଦୌ ଧ୍ୟାନ ଦେଇ ନ ଥିବା ମହାନ୍ତି କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିକାଶ ଦାସ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ସେନାପତି, ମୟୂରଭଞ୍ଜ ଜିଲା କେକେସି ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ଓ ଜିଲା ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ନବ ପ୍ରସାଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

# ଅବସରପ୍ରାପ୍ତ ସୈନିକଙ୍କ ପ୍ରତି ସରକାର ଉଦାସୀନ

**ପୂର୍ବତନ ସୈନିକ ସଂଗଠନ ବାଲିଆପାଳ ଶାଖାର ବାର୍ଷିକୋତ୍ସବ**

**କାଳିପଦା ୧୭।୩(ରାଜଶ୍ରୀ ପାଣିଗ୍ରାହୀ)**

ତିନି ସେନା ବାହିନୀର ଅବସରପ୍ରାପ୍ତ ସୈନିକଙ୍କ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବେ ଉଦାସୀନ। ସେମାନଙ୍କର ଭତ୍ତା, ଚାକିରିରେ ସଂରକ୍ଷଣ, ବିଧାନସଭା, ଲୋକସଭାରେ ପ୍ରତିନିଧିତ୍ୱ, ୫ମ ଓ ୬ଷ୍ଠ ବେତନ କମିଶନଙ୍କ ସୁପାରିଶ ଅନୁସାରେ ଦରମା ଓ ଭତ୍ତା ପ୍ରଦାନ ଆଦି ସୁବିଧା ସୁଯୋଗ ପ୍ରଦାନରେ ବାରମ୍ବାର ଦାବି ସତ୍ତ୍ୱେ ସରକାର ଦୃଷ୍ଟି ନ ଦେବା ବଡ଼ମ୍ବନା। ଏଥିପାଇଁ ପୂର୍ବତନ ସୈନିକମାନଙ୍କୁ ଏକଜୁଟ ହୋଇ ସଂଗ୍ରାମ କରିବାକୁ ପଡ଼ିବ ବୋଲି ବାଲିଆପାଳ ବ୍ଲକ କଟୁଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଭାରତୀୟ ପୂର୍ବତନ ସୈନିକ ସଂଗଠନ ବାଲିଆପାଳ ଶାଖାର ଷୋଡ଼ଶ ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ସେନା ଅଧିକାରୀ କମଳ ଲୋଚନ ପିଳାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମନୋଜ କୁମାର ସି ଅତିଥି ପରିଚୟ, ସନ୍ୟାସୀ ବେହେରା ବେଦ ପାଠ, ସାଧାରଣ ସମ୍ପାଦକ ରାଧାନାଥ ରାଉତ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂଗଠନର ଜାତୀୟ ସଂଯୋଜକ ବୀର ବାହାଦୁର ସିଂ, ମୁଖ୍ୟ ବକ୍ତା ଭାବେ ସଂଗଠନର ରାଜ୍ୟ ସମ୍ପାଦକ ବିଦ୍ୟାଧର ନାୟକ, ସମ୍ମାନିତ ଅତିଥି ଭାବରେ କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷ ଅବଦାନ ପାଇଁ ପୂର୍ବତନ ସୈନିକ ମନୋଜ କୁମାର ସି, ରାମଚନ୍ଦ୍ର ଜେନା, ଜୟୀରାମ ପାତ୍ର, ଅଜୟ ଦାସ ଅଧିକାରୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ଚକ୍ରବର୍ତ୍ତୀ, ପ୍ରକାଶ ସାହୁ, ଦୈ ରାମ ପାତ୍ର, ରାମଚନ୍ଦ୍ର ବେହେରା, ଭୀମ ଚରଣ ବେହେରା, ପ୍ରମୋଦ କୁମାର ସିଂ, ରାଜ କିଶୋର ପ୍ରଧାନ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ପୂର୍ବତନ ସୈନିକ ଚୈତନ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ କେତେଜଣ ପୂର୍ବତନ ସୈନିକଙ୍କ ମୃତ୍ୟୁ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଉତ୍ସବରେ ଉପସ୍ଥିତ ପୂର୍ବତନ ସେନା ଅଧିକାରୀମାନେ।

## ଗାଡ଼ି ଓଲଟି ୨ ଗୋରୁ ମୃତ

ଔପଦା,(ଧରିତ୍ରୀ ପଣ୍ଡା)- ଔପଦା ଦେଇ ଯାଉଥିବା ଏକ ଗୋରୁ ବୋଝେଇ ଗାଡ଼ି ସ୍ଥାନୀୟ ପ୍ରତାପପୁର ଓଗାଁନପୁର ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତିରେ ରାସ୍ତା ତଳକୁ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ୨ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଔପଦା ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଛି। ଉଦ୍ଧାର ଗୋରୁଙ୍କୁ ସୋର ଗୋଶାଳାରେ ଛାଡ଼ି ଦିଆଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଗାଡ଼ିର ଡ୍ରାଇଭର ସମେତ ଗୋରୁ ଚାଲାଣକାରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି।

**ସଂକ୍ଷେପରେ**

## ଘରେ ପଶି ଟଙ୍କା, ସୁନା ଚୋରି

ବାହାନଗା,୧୭।୩(ଅରୂପ୍ କୁମାର ଦାସ)- ବାହାନଗା ବ୍ଲକ ପଣ୍ଡାଶୁଣି ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ରାମଚନ୍ଦ୍ର କରଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି। କେହି ନ ଥିବା ସୁଯୋଗରେ ଚୋରମାନେ ଝରକା ଗ୍ରୀଲ୍ ଭାଙ୍ଗି ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ସମେତ ୩୦ ହଜାର ଟଙ୍କା ଓ ୬ ଖଣ୍ଡ ଶାଢ଼ି ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଗୋପାଳପୁର ଥାନା ପୋଲିସ ଏକ ମାମଲା(ନଂ. ୫୭/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

## ୬୬ ୟୁନିଟ ରକ୍ତ ସଂଗ୍ରହ

ଭୋଗରାଇ,୧୭।୩(ପ୍ରଦୀପ ଦାସ)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଅଗ୍ରଣୀ ଧାର୍ମିକ ଅନୁଷ୍ଠାନ ପାଣିଷଣ୍ଡା ପଞ୍ଚାୟତ ସୁଖଷଣ୍ଡା ଗ୍ରାମରେ ଅଧିଷ୍ଠିତ ସୀତାରାମ ଓ ହନୁମାନ ମନ୍ଦିର ବାର୍ଷିକ ଉତ୍ସବରେ ଜଗନ୍ନାଥ କ୍ଲବ ଓ ଗ୍ରାମବାସୀଙ୍କ ଉଦ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ରକ୍ତଦାତା ସଂଘ ପକ୍ଷରୁ ଏହି ଶିବିରରେ ୬୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଭୋଗରାଇ ରକ୍ତଦାତା ସଂଘର ସଭାପତି ଅଧୀର ଗିରି ଗୋସ୍ୱାମୀ, ସରପଞ୍ଚ ଅନିତା ଜେନା, ମମତା ସାହୁ, ଡା. ଉତ୍ତର କୁମାର ଦଣ୍ଡପାଟ, ସାମାଜିକ କର୍ମୀ ପ୍ରବୀର କୁମାର ତୋଳା, ଜାମସେଦ ଅଲ୍ଲୀ ଖାଁ, ଅବଦୁଲ ମସଜିତ ଖାଁ, ଅରବିନ୍ଦ ତୋଳା, ରାଜୀବ ତୋଳା, ଜୟନ୍ତ ତୋଳା, ପ୍ରମୁଖ ଯୋଗ ଦେଇଥିଲେ। ଜଗନ୍ନାଥ କ୍ଲବ ପକ୍ଷରୁ ଅରବିନ୍ଦ ତୋଳା ରକ୍ତଦାତାଙ୍କୁ ବେଡ୍‌ସିଟ ପ୍ରଦାନ କରିଥିବା ବେଳେ କ୍ଲବର ସଦସ୍ୟମାନେ ବଉଳ ଗଛର ଚାରା ବଣ୍ଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ପୁସ୍ତକ ଲୋକାର୍ପଣ ଉତ୍ସବ

ଖଇରା,୧୭।୩(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ରାମଚନ୍ଦ୍ର ସରକାରୀ ହାଇସ୍କୁଲ ପରିସରରେ ରବିବାର କବିତା ପାଠ, ସାହିତ୍ୟ ଚର୍ଚ୍ଚା ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ କୃଷ୍ଣଚନ୍ଦ୍ର ଖ୍ୱାଲାର ଏହାକୁ ଉଦ୍‌ଘାଟନ କରିଥିଲେ। ଖଇରା ସାହିତ୍ୟ ସଂସଦ ଓ କୁପାରୀ ମା' ଅମ୍ବିକା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ବର୍ଷିଆନ କବି ମାୟାଧର ନାୟକ ସଭାପତିତ୍ୱ କରିଥିଲେ। ଖଇରା ସାହିତ୍ୟ ସଂସଦର ପ୍ରତିଷ୍ଠାତା ବ୍ରଜେନ୍ଦ୍ର ନାଥ ଗିରି ମୁଖ୍ୟଅତିଥି, ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ଓଡ଼ିଆ ଅଧ୍ୟାପକ ବନମାଳୀ ଉପାଧ୍ୟାୟ, ଭରତ ଚନ୍ଦ୍ର ଦାଶ, ସଂସ୍କୃତ ଅଧ୍ୟାପକ ବିଜୟ କୁମାର ବେହେରା, ଡା. ଉମେଶ ଚନ୍ଦ୍ର ମହାନ୍ତି ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇ ସାହିତ୍ୟରେ ବସନ୍ତର ସ୍ୱର୍ଶ ଉପରେ ନିଜର ମତ ଉପସ୍ଥାପନ କରିଥିଲେ। କବି ଅନନ୍ତକିଶୋର ଉପାଧ୍ୟାୟଙ୍କ ଦ୍ୱାରା ରଚିତ ଶିଶୁ କବିତା ସଙ୍କଳନ 'ହେବାରେ ଜଗତ ଜିତା' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବପ୍ରସାଦ ବଳ ଧନ୍ୟବାଦ ଦେଇଥିଲେ।

# ଅଂଶଗ୍ରହଣ କଲେ ୨୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ

### ଜାତୀୟ ଏକୀକରଣ ଶିବିର

ବାଲେଶ୍ୱର,୧୭।୩(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବିଭାଗ ଓ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ମିଳିତ ସହଯୋଗରେ ୭ ଦିନ ବ୍ୟାପୀ ଜାତୀୟ ଏକୀକରଣ ଶିବିର (ନ୍ୟାସନାଲ ଇଣ୍ଟିଗ୍ରେସନ କ୍ୟାମ୍ପ) ଆୟୋଜିତ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦେଶର ୨୦ଟି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ପ୍ରୋଗ୍ରାମ ଅଫିସରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିବିଧତା ମଧ୍ୟରେ ଏକତାର ଭାବ ତଥା ଭାରତର ଯୁବବର୍ଗଙ୍କୁ ପରସ୍ପର ମଧ୍ୟରେ ରହିଥିବା ବିଭିନ୍ନତା ସହ ସମନ୍ୱୟ ରକ୍ଷାକରି ବିକାଶର ଉଦ୍ଦେଶ୍ୟ ନେଇ ଆରମ୍ଭ କରାଯାଇଥିବା



ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଏହି ଶିବିର ସଫଳ ହେଉ ଓ ଏକତ୍ରିତ ହୋଇ ଦେଶର ବିକାଶରେ ଅଂଶୀଦାର ହେବା ପାଇଁ ପ୍ରଫେସର ତ୍ରିପାଠୀ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଓ ଭାରତ ସରକାରଙ୍କ ଅଧୀନସ୍ଥ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ଯୋଗଦେଇଥିଲେ। ଆମନ୍ତ୍ରିତ ପ୍ରମୁଖ ଅତିଥି ଭାବେ ଶ୍ରୀଜଗନ୍ନାଥ ବେଦ-କର୍ମକାଣ୍ଡ ମହାବିଦ୍ୟାଳୟର ପୂର୍ବତନ ପ୍ରିନ୍‌ସିପାଲ ଡ. ଜଗବନ୍ଧୁ ମିଶ୍ର, ପଦ୍ମାବତୀ ୱାଟର ପାର୍କ ଓ ରିସୋର୍ଟର ପ୍ରବନ୍ଧ ନିର୍ଦ୍ଦେଶକ ମୌସୁମ କୁମାର ସିଂ, ବିଶ୍ୱବିଦ୍ୟାଳୟର ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ। ୭ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶିବିରରେ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟ, ଦେଶର ମୋଟ ୨୦ଟି ବିଶ୍ୱବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମଟିକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ସଂଯୋଜନା କରିଥିଲେ। ପ୍ରୋଗ୍ରାମ ଅଫିସର ତଥା ଆସିଷ୍ଟାଣ୍ଟ ପ୍ରଫେସର ଡ. ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରୋଗ୍ରାମ ଅଫିସର ତଥା ଆସିଷ୍ଟାଣ୍ଟ ପ୍ରଫେସର ଡ. ଜଗନ୍ନାଥ ବେହେରା କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଏନ୍‌ଏସ୍‌ଏସ୍ ଭୁବନେଶ୍ୱରର ଯୁବ ଅଧିକାରୀ ଅଜିତ ଖୁସୱାହା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର,୧୭।୩(ରବିନାରାୟଣ ପାତ୍ର)

ଜଳେଶ୍ୱର ଥାନା ଅନ୍ତର୍ଗତ କଲ୍ୟାଣପୁର ଗାଁର ଜଣେ ଯୁବକଙ୍କ ବିଦ୍ୟୁତ୍ ତାର ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଷୋତ୍ତମ ଜେନା (୪୨)। ଶନିବାର କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ରବିବାର ପୁରୁଷୋତ୍ତମ ନିଜ ପୋଖରୀକୁ ମାଛ ଧରିବାକୁ ଯାଇଥିଲା ବେଳେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ତାଙ୍କର ବିଧବା ମା', ସ୍ତ୍ରୀ ଓ ଜଣେ ୧୩ ବର୍ଷର ଝିଅ ରହିଛନ୍ତି। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ କୃଷକ ସଂଗ୍ରାମ ମଞ୍ଚ ପକ୍ଷରୁ ଶବ ରଖି ରାସ୍ତା ଅବରୋଧ କରାଯାଇଥିଲା।

# ନିଖିରେଶ୍ୱର ମହାଦେବଙ୍କ ସମ୍ପତ୍ତି ହଡ଼ପ

### ଖବରଦାତା ସମ୍ମିଳନୀରେ ଅଭିଯୋଗ କଲେ ଗ୍ରାମବାସୀ


ଖବରଦାତା ସମ୍ମିଳନୀ ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ।

ବାଲିଆପାଳ,୧୭।୩(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ନିଖିରା ଗ୍ରାମର ନିଖିରେଶ୍ୱର ମହାଦେବଙ୍କ ନାମରେ ଥିବା ଦେବୋତ୍ତର ସମ୍ପତ୍ତି କେତେଜଣ ଗ୍ରାମବାସୀ ହଡ଼ପ କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ମନ୍ଦିର ପାର୍ଶ୍ୱରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଗ୍ରାମର ମୁଖିଆ ସଦାଶିବ ବେହେରା, ନବକୃଷ୍ଣ ଦାସ, ବିଜୟ ସେଠୀ, ଡମ୍ବରୁଧର ଗିରି, ରାଜୀବ ଲୋଚନ ଗିରି, ବିଶ୍ୱନାଥ ଦାସ ଅଧିକାରୀ, ଶ୍ରୀକାନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ଗିରି, ପ୍ରବୀର କୁମାର ଦେ, ଦିଲ୍ଲୀପ କୁମାର ଜେନା, ପ୍ରହଲ୍ଲାଦ କୁମାର ଜେନା, ଝଡେଶ୍ୱର୍ ବେହେରା, ସୁଧାଂଶୁ ମହାପାତ୍ର, ହିମାଂଶୁ ମହାପାତ୍ର, କୁବେର ମହାପାତ୍ର, ଲକ୍ଷ୍ମଣ ଦଳାଇ, ରଘୁନାଥ ଗିରିଙ୍କ ସମେତ ବହୁ ଗ୍ରାମବାସୀ ଏହି ଖବରଦାତା ସମ୍ମିଳନୀରେ ଯୋଗଦେଇ ସ୍ୱର ଉଠାଇଛନ୍ତି।ଅଭିଯୋଗ ଅନୁଯାୟୀ, ପୂର୍ବରୁ ମହାଦେବଙ୍କ ନାମରେ ୧୬ ଏକର ଜମି ରହିଥିଲା। ମନ୍ଦିର ଚତୁଃପାର୍ଶ୍ୱରେ ପୂର୍ବରୁ ମୋଟ ୭ଏକର ଜମି ଥିବା ବେଳେ ତାହା ବର୍ତ୍ତମାନ ୩ ଏକର ଜମି ରହିଛି। ୯ ଏକର ଚାଷ ଜମିର ହିସାବ ମିଳୁନାହିଁ। ମନ୍ଦିର ପରିସର ଜମି ହଡ଼ପ ହେବା ଦ୍ୱାରା ପ୍ରତି ବର୍ଷ ହେଉଥିବା ଜାନି ଯାତ୍ରା ସମୟରେ ଲୋକ ସମାଗମ ଅଧିକ ହେଇଥିବାରୁ କମିଟିକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି।

# ଡିଆର୍‌ଏମ୍‌ଙ୍କୁ ପୁଣି ଦାବିପତ୍ର ଦେଲା ବିକାଶ ପରିଷଦ

### ରୂପ୍‌ସା ରେଳ ଜଙ୍କଶନ ସମସ୍ୟା

ରୂପ୍‌ସା,୧୭।୩(ବାଞ୍ଛାନିଧି ଦେ)

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ରେଳ ଜଙ୍କଶନ ଓ ଷ୍ଟେଶନରେ ଦୀର୍ଘ ଦିନ ଧରି ସମସ୍ୟା ଲାଗି ରହିଛି। ଏ ସମ୍ପର୍କରେ ବାରମ୍ବାର ରେଳମନ୍ତ୍ରୀ ଓ ରେଲୱେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏଯାବତ ସମାଧାନ ହୋଇପାରୁ ନାହିଁ। ରୂପ୍‌ସା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଶ୍ରୀଜଗନ୍ନାଥ ମଣ୍ଡପ ପରିସରରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ପରିଷଦର ସଭାପତି ଭଗବାନ ମହାପାତ୍ର ଅଧ୍ୟକ୍ଷତା କରି ଷ୍ଟେଶନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଉପଦେଷ୍ଟା ବରଦାପ୍ରସନ୍ନ ପଟ୍ଟନାୟକ, ସାଧାରଣ ସମ୍ପାଦକ ସୁଧାକର ଗିରି, ଉପ ସଭାପତି ନିରଞ୍ଜନ ପଣ୍ଡା ଶର୍ମା ଓ ଏମ୍‌ପି ପ୍ରତିନିଧି ଶୁଭେଶ ନାୟକ ମଞ୍ଚାସୀନ ହୋଇ ତୁରନ୍ତ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିକାଶ ପରିଷଦର କର୍ମକର୍ତ୍ତା।

ସମସ୍ୟାର ସମାଧାନ ଦିଗରେ ରେଲୱେ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ଏପ୍ରିଲ ମାସରେ ରେଲରୋକୋ ଆନ୍ଦୋଳନ ସୁନିଶ୍ଚିତ ବୋଲି ଚେତାବନୀ ଦେଇଥିଲେ। ରୂପ୍‌ସା ଷ୍ଟେଶନରେ ପୂର୍ବ ଭଳି ଡାଉନ ଜଗନ୍ନାଥ ଏକ୍ସପ୍ରେସ ଟ୍ରେନର ରହଣି, ବାରିପଦା-ରୂପ୍‌ସା ପାସେଞ୍ଜର ଟ୍ରେନ ପୂର୍ବଭଳି ବାଲେଶ୍ୱର ଷ୍ଟେଶନ ପର୍ଯ୍ୟନ୍ତ ଚଳାଚଳ କରିବା, ଭଗବାନପୁର ରେଳ ଫାଟକଠାରୁ ବାମଡ଼ା ଫାଟକ ପର୍ଯ୍ୟନ୍ତ ଉତ୍ତର ପାର୍ଶ୍ୱରେ ସ୍ଥାୟୀ ରାସ୍ତା ନିର୍ମାଣ ହେବା ସମ୍ପର୍କିତ ଏକ ଦାବିପତ୍ର ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା। ପରିଷଦର ଉପ-ସଭାପତି ପ୍ରଫୁଲ୍ଲ କୁମାର ଜେନା, କୋଷାଧ୍ୟକ୍ଷ ଅନନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଜଗଦୀଶ ପଟ୍ଟନାୟକ ଓ ଗୋପାଳ ଚନ୍ଦ୍ର ସାହୁ, ପୂର୍ବତନ ସମିତି ସଭାପତି ହରେନ୍ଦ୍ର ଦାସ,ପ୍ରାକ୍ତନ ବ୍ୟାଙ୍କ ମ୍ୟାନେଜର ଯୋଗେଶ୍ୱର ମହାପାତ୍ର, ଚକ୍ରଧର ଆଚାର୍ଯ୍ୟ, ଜଗନ୍ନାଥ ସ୍ୱାଇଁ, ଉମାକାନ୍ତ ରଣା, ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସମେତ ସ୍ଥାନୀୟ ୭ଟି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଭୋଟ ବର୍ଜନ ଚେତାବନୀ

### କଳାକାର ସଂଘର ବୈଠକ

ବାଲିଆପାଳ,୧୭।୩(ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ବ୍ଲକ କଳାକାର ସଂଘର ଏକ ସ୍ୱତନ୍ତ୍ର ବୈଠକ ଜିଲା କଳାକାର ସଂଘର ତତ୍ତ୍ୱାବଧାନରେ ସିମୁଳିଆସ୍ଥିତ ରାଧା ଗୋବିନ୍ଦ ଜୀଉ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କଳାକାର ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ ଯୋଗଦେଇ କଳାକାରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସଂଘର ଅନ୍ୟତମ ସଦସ୍ୟ ବିଜୟ କୁମାର ଜେନା, ରାଧାକୃଷ୍ଣ ଗିରି, ଭୋଗରାଇ ସଂଘର ଭୁବନ ପାତ୍ର, ସୁନୀଲ ଜେନା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଯୋଗ୍ୟ ତଥା ପ୍ରତୀକ୍ଷା ତାଲିକାରେ ଥିବା କଳାକାରମାନଙ୍କୁ ମଧୁବାବୁ ପେନସନ ଭଳି ତୁରନ୍ତ ଭତ୍ତା ଦିଆଯାଉ ବୋଲି ଜିଲାପାଳଙ୍କୁ ଏକ ଦାବିପତ୍ର ଦେବାର ନିଷ୍ପତ୍ତି ନେଇଥିଲେ। ଏ ବାବଦରେ ଜିଲାପାଳ କୌଣସି ପଦକ୍ଷେପ ଶୀଘ୍ର ନ ନେଲେ ଜିଲାର ସମସ୍ତ କଳାକାର ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଲିଆପାଳ ସଂଘର ସଭାପତି ଝାଡ଼େଶ୍ୱର ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ କୁମାର ବାଗ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସଦସ୍ୟ ସଞ୍ଜୟ ମଣ୍ଡଳ, ଲକ୍ଷ୍ମୀଧର ଜେନା, ମନ୍ମଥ ଜେନା, ଶଶିକାନ୍ତ ମହାନ୍ତି, ଚିତ୍ତ କୁଲ୍‌ହାରି, ବନବିହାରୀ ପୂଝାରି, ଦାମୋଦର ଜେନା, ଅରୁଣ ବେହେରା ପ୍ରମୁଖ ବହୁ କଳାକାର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଦାଶିବ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଆଞ୍ଚଳିକ ବ୍ରାହ୍ମଣ ସମିତିର ସମ୍ମିଳନୀ


ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

ଖଇରା,୧୭।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ଗ୍ରାମ ପଞ୍ଚାୟତର ସାଲୋସ୍ଥିତ ବାବା ବାମନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖାର ଜୋନସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତପନ କୁମାର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ସଂଘର ରାଜ୍ୟ ସଭାପତି ଡ. ସଦାନନ୍ଦ ଦିକ୍ଷିତ,ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ,ରାଜ୍ୟ ଉପସଭାପତି ଖୁଦିରାମ ସାହୁ,ଭଦ୍ରକ ଜିଲା ଉପଦେଷ୍ଟା ନରହରି ଦାଶ,ଖଇରା ବ୍ଲକ ସମ୍ପାଦକ ରମାକାନ୍ତ ଶତପଥି,କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ସମିତି ବୃଦ୍ଧି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଜୋନ୍‌ର ସଭାପତି ବାସୁଦେବ ପଣ୍ଡା ଓ ରାମଚନ୍ଦ୍ର ପଣ୍ଡା,ପଞ୍ଚାୟତ କାର୍ଯ୍ୟକର୍ତ୍ତା ନିର୍ମଳ ଚନ୍ଦ୍ର ପଣ୍ଡା,କୃଷ୍ଣଚନ୍ଦ୍ର ଦାଶ, ନୀଳାମ୍ବର ଉପାଧ୍ୟାୟ, ବସନ୍ତ କୁମାର ପଣ୍ଡା, ଦୁର୍ଯ୍ୟୋଧନ ଶତପଥୀ, ସୁଦର୍ଶନ ତିଆଡ଼ି, ବାସୁଦେବ ସାହୁ, ଜଗବନ୍ଧୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବଂଶୀଧର ପଣ୍ଡା ବିବରଣୀ ପାଠ କରିଥିବା ବେଳେ କରୁଣାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ସୀମାରେ ୭୦ ଝାଡ଼ଖଣ୍ଡୀ ହାତୀ

ଜଳେଶ୍ୱର,୧୭।୩(ରବିନାରାୟଣ ପାତ୍ର)

ଝାଡ଼ଖଣ୍ଡରୁ ଆସିଥିବା ୭୦ ହାତୀ ଓଡ଼ିଶା ସୀମାରେ ଡେରା ପକାଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ହାତୀପଲ ପଶ୍ଚିମବଙ୍ଗର ବେଲଦା ରେଞ୍ଜ ଅଧୀନ କେସିଆଡି ଜଙ୍ଗଲରେ ରହିବା ସହ ହିଂସ୍ର ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ କେସିଆଡି ସ୍କୁଲର ଇତିହାସ ଶିକ୍ଷକ ତାଙ୍କ ଝିଅ ସହିତ ଘରକୁ ଫେରୁଥିବା ବେଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ତାଙ୍କ ଝିଅ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ବେଲଦା ରେଞ୍ଜର ତାପସ ଆଦକ ସୂଚନା ଦେଇଛନ୍ତି। ହାତୀପଲ ରାଇବଣିଆ ଅଞ୍ଚଳକୁ ପ୍ରବେଶ କରିବା ଆଶଙ୍କା ଥିବାରୁ ଏସିଏଫ୍ ଜୟଶ୍ରୀ ମୁର୍ମୁ ଓ ଅବୈତନିକ ବନସଂରକ୍ଷକ ଅଶ୍ୱିନୀ କୁମାର ଦାସଙ୍କ ନେତୃତ୍ୱରେ ୨ଟି ଟିମ୍ ଉପାନ୍ତ ଅଞ୍ଚଳରେ ଜଗି ରହିଛନ୍ତି। ଆଞ୍ଚଳିକ ଗଜ ସାଥୀ ଓ ସବୁଜ ବାହିନୀ ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳରେ ଉଚ୍ଚ ଖୁଣ୍ଟରେ ବିଦ୍ୟୁତ୍ କେବୁଲ ଟଣା ହେବା ଓ ବିଦ୍ୟୁତ୍‌କାଟ ନ କରିବାକୁ ସାଧାରଣରେ ଦାବି ହେଉଛି ।

ଅନ୍ୟପକ୍ଷରେ ଶନିବାର ସନ୍ଧ୍ୟାରେ ଶିମିଳିପାଳର ୧୦ ଟିକିଆ ହାତୀପଲ ଭଦୁଆ କାଜୁ ଜଙ୍ଗଲରେ ପଶି ବ୍ୟାପକ କ୍ଷତି ଘଟାଇଛନ୍ତି। ରାତିରେ ନିକଟସ୍ଥ ଗାଁରେ ପଶି ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ଉପର ବାଗବୁଡା ଗାଁର ସୁନାରାମ ମୁର୍ମୁଙ୍କୁ ଘରେ ପଶି ଧାନ, ଚାଉଳ ଖାଇ ନଷ୍ଟ କରିଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ୩ ପଞ୍ଚାୟତର ବିଦ୍ୟୁତ୍‌କାଟ କରାଯାଇଛି ।

# ବିଜେଡି କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ


ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

କାଳିପଦା,୧୭।୩(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତର ନେପୁରା ଗ୍ରାମ ଖେଳ ପଡ଼ିଆଠାରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଓ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ଅମୂଲ୍ୟ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀ ଓ ମହା ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସଂଗଠନକୁ ଆହୁରି ମଜଭୁତ କରିବା ଦିଗରେ ଏକାଠି ହୋଇ କାମ କରିବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ପଞ୍ଚାୟତର ଅନ୍ୟ ଦଳରୁ ବହୁ ନେତା ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେଙ୍କ ପ୍ରତ୍ୟେକ୍ଷ ପରିଚାଳନାରେ ଏହି କର୍ମୀ ସମ୍ମିଳନୀ ଓ ମହା ମିଶ୍ରଣ ପର୍ବରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପଞ୍ଚାୟତର ସଭାପତି ତଥା ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ୨୧ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା କାଞ୍ଚନ ଜେନା, ସମିତି ସଦସ୍ୟା ଅଞ୍ଜଳି ବେହେରା, ୨୩ନଂ ଜୋନ୍ ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ଜିଲା ଛାତ୍ର ବିଜେଡି ସଭାପତି ସିମନ ଦାସ ମହାପାତ୍ର, ଜିଲା କୃଷକ ସେଲ ସଭାପତି ଅଜୟ କୁମାର ସାମଲ, ଦେଭୋଗ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡ଼ିବନ୍ଧୁ ରାଉତ, ପୂର୍ବତନ ସମିତି ସଦସ୍ୟ ଝାଡ଼େଶ୍ୱର ବେହେରା, ବ୍ଲକ ଛାତ୍ର ସଭାପତି ସୁଶାନ୍ତ ବେହେରା ପ୍ରମୁଖ ଦଳର ବହୁ ନେତୃବୃନ୍ଦ ଓ ବହୁ ୱାର୍ଡ଼ ସଦସ୍ୟାସଦସ୍ୟ ଏବଂ ୨୫୦୦ରୁ ଅଧିକ ପୁରୁଷ ଓ ମହିଳା କର୍ମୀ ଯୋଗଦେଇଥିଲେ। ୨୨ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ ଧନ୍ୟବାଦ ଦେଇଥିଲେ।

# ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବାକୁ ଆହ୍ୱାନ

### ଜିଲା ପ୍ରଶାସନ-ରାଜନୈତିକ ଦଳ ବୈଠକ

ବାଲେଶ୍ୱର,୧୭।୩(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶିଷ ଠାକ୍‌ରେଙ୍କ ତତ୍ତ୍ୱାବଧାନରେ ରାଜନୈତିକ ଦଳଗୁଡ଼ିକ ସହିତ ସାଧାରଣ ନିର୍ବାଚନ-୨୦୨୪କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷଠାରେ ରବିବାର ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଜିଲାପାଳ ଠାକ୍‌ରେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା।


ବୈଠକରେ ଉପସ୍ଥିତ ଜିଲା ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ଦଳର ନେତୃବୃନ୍ଦ।

ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ ଓ ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସହଯୋଗର ମନୋଭାବକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତଙ୍କର ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଗଠନମୂଳକ ଯୋଗଦାନ ଦେଇଥିବାରୁ ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନର ବିଭିନ୍ନ ଦିଗ ଯଥା କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ନିର୍ବାଚନରେ ହେଉଥିବା ଅନିୟମିତତାକୁ ରୋକିବା ଉପରେ ଆଲୋଚନା ହୋଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ପୋଲିସର ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଓ ସାଧାରଣ ସଭା ଆୟୋଜନ କରିବା ଏବଂ କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ବେଆଇନ ଘଟଣାକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ପ୍ରକାଶ ଏସ୍‌ପି କରିଥିଲେ।

ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ବାଲେଶ୍ୱର ଉପ-ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପ-ଜିଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଉପ-ଜିଲାପାଳ ଶୁଭଶ୍ରୀ ରଥ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବିଭିନ୍ନ ରାଜନୈତିକ ଦଳରୁ ଉମାକାନ୍ତ ମହାପାତ୍ର (ଭାଜପା), ପ୍ରେମରଞ୍ଜନ ପାତ୍ର (ସିପିଆଇ-ଏମ୍), ଗୋପୀନାଥ ପାଢ଼ୀ (ଆଇଏନ୍‌ସି) ଓ ସନତ କୁମାର ଦାସ (ବିଜେଡି) ପ୍ରମୁଖ ଉପସ୍ଥିତ ଥିଲେ।

